ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୫ ଜାନୁୟାରୀ, ୨୦୨୧



## ଯାନବାହନ ଯାଞ୍ଚ, ୨ଲକ୍ଷରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ

ଗୁଡ଼ଭେଲା(ଡି.ଏନ.ଏ.): ବଲାଙ୍ଗୀର-ଗୁଡଭେଲା ରାସ୍ତାର ଧାନଘରା ତେଲନଦୀ ପାଖ ଓ ତେନ୍ତୁଳିଖୁଣ୍ଟି ଛକରେ ମଲ୍ଟି ସ୍ୱାଡ ପକ୍ଷରୁ ଗୁରୁବାର ଯାନବାହନ ଯାଞ୍ଚ କରାଯାଇଥଇଲା। ୨ଗାଡି ଚାଳକଙ୍କଠାରୁ ପ୍ରାୟ ୨ଲକ୍ଷ ୨୩ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହ ଏକ ବୋଲେରୋ ଓ ଟ୍ରାକ୍ଟରକୁ ଜବତ କରାଯାଇ ତୁଷୁରା ଥାନାରେ ରଖାଯାଇଛି । ରାଜସ୍ୱ, ପୋଲିସ, ଅବକାରୀ ଏବଂ ସଡକ ଓ ପରିବହନ ବିଭାଗକୁ ନେଇଗଠିତ ମଲ୍ଟି ସ୍ୱାଡରେ ତୁଷୁରା ତହସିଲଦାର ଚନ୍ଦ୍ରମଣୀ ନାଗ, ଥାନାଧିକାରୀ ଯଶୋବନ୍ତ ପ୍ରଧାନୀ, ଅବକାରୀ ଅଧିକାରୀ ଆରତୀ କିଶାନ ଓ ଅତିରିକ୍ତ ଆରଟିଓ ଲୋକନାଥ ମେହେର ସାମିଲ ଥିଲେ।

## ସଂକ୍ଷେପରେ

### ବିନା ଅର୍ଥରେ ହେଉନି ଚିକିତ୍ସା

**ଗୁଡ଼ଭେଲା,୧୪।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁଷୁରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନା ହାତଗୁଞ୍ଜାରେ ଗର୍ଭବତୀଙ୍କ ଚିକତ୍ସା ହେଉନି। ଗୁରୁବାର ତୁଷୁରା ସହରର ବିକାଶ ଅଗ୍ରୱାଲ ନାମକ ଜଣେ ବ୍ୟକ୍ତି ଏ ନେଇ ଗୁଡଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପତ୍ରରେ ସେ ଦର୍ଶାଇଛନ୍ତି ଯେ, ତାଙ୍କ ସ୍ତ୍ରୀଙ୍କ ଗର୍ଭଜନିତ ସମସ୍ୟାର ନିରାକରଣ ପାଇଁ ଡାକ୍ତରଖାନାରେ କାର୍ଯ୍ୟରତ ଜଣେ ନର୍ସ ତାଙ୍କୁ ହାତଗୁଞ୍ଜା ମାଗିଥିଲେ। ଅନ୍ୟନୋପାୟ ହୋଇ ସେ ୧୮ଶହ ଟଙ୍କା ଦେଇଛନ୍ତି। ହେଲେ ଏବେ ସେ ଆଉ ୪ଶହ ଟଙ୍କା ମାଗୁଛନ୍ତି। ଅନ୍ୟପକ୍ଷରେ ଉକ୍ତ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି ସମ୍ପୃକ୍ତ ନର୍ସ । ଏନେଇ ଗୁଡଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୁମିତ ମେହେରଙ୍କୁ ପଚାରିବାରୁ କହିଛନ୍ତି ଯେ, ଅଭିଯୋଗ ମିଳିଛି । ଅଭିଯୋଗର ତଦନ୍ତ କରି ଆଇନ ଅନୁଯାଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

### ମନ୍ଦିର ବାହାରୁ ଦର୍ଶନ କରି ଫେରିଲେ ଭକ୍ତ

**ବଲାଙ୍ଗୀର ଅଫିସ, ୧୪।୧:** ବଲାଙ୍ଗୀର ଜିଲାରେ ମନ୍ଦିର ଖୋଲା ଯାଉ ନଥିବାରୁ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଗୁରୁବାର ପବିତ୍ର ମକର ସଂକ୍ରାନ୍ତିରେ ସକାଳୁ ସକାଳୁ ବିଭିନ୍ନ ମନ୍ଦିରରେ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ହେଲେ ଭକ୍ତମାନେ ଦୀର୍ଘ ଦିନ ପରେ ମଧ୍ୟ ଭଗବାନଙ୍କୁ ଦର୍ଶନ କରିବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ବାହାରୁ ଦର୍ଶନ କରି ଫେରି ଯାଇଛନ୍ତି । ଶ୍ରଦ୍ଧାଳୁମାନେ ମନ୍ଦିର ଗେଟ ସମ୍ମୁଖରେ ଧୂପ,ଦୀପ, ଭୋଗ ଲଗାଇଥିଲେ । କରୋନା କଟକଣାକୁ ଆଖି ଆଗରେ ରଖି ସାମାଜିକ ଦୂରତାକୁ ସୁନିଶ୍ଚିତ କରିବା, ମାସ୍କ ପରିଧାନ ଓ ସାନିଟାଇଜ କରିବାକୁ କିଛିଦିନ ତଳେ ଉପଜିଲାପାଳ ସୁଧାକର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏପରିକି ଭକ୍ତଙ୍କ କୋଭିଡ ଟେଷ୍ଟ କରାଯାଇ ଦର୍ଶନ ପାଇଁ ଛାଡିବାକୁ ନିଷ୍ପତ୍ତି ହୋଇଥିଲା । କିନ୍ତୁ ତାହାକୁ ସଫଳତାର ସହ ଅନୁପାଳନ କରାଯାଇ ନାହିଁ।

### କେଶରୀୟା ହିନ୍ଦୁବାହିନୀ ପକ୍ଷରୁ ମକର ସଂକ୍ରାନ୍ତି ପାଳିତ

**ବଲାଙ୍ଗୀର ଅଫିସ୍, ୧୪।୧:** ବଲାଙ୍ଗୀରରେ କେଶରୀୟା ହିନ୍ଦୁବାହିନୀ ପକ୍ଷରୁ ମକର ସଂକ୍ରାନ୍ତି ପାଳିତ ହୋଇଯାଇଛି। ସ୍ଥାନୀୟ କୋଶଳ କଳାମଣ୍ଡଳ ଯୁ କମ୍ପ୍ଲେକ୍ସ ସମ୍ମୁଖ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଛି। ଜିଲା ସଭାପତି ସନ୍ତୋଷ ଭୋଳଙ୍କ ନେତୃତ୍ୱରେ ଏକ ବାଇକ ରାଲି କରାଯାଇଥିଲା। ଏଥିରେ ଶତାଧିକ କେଶରୀୟା ବାହିନୀର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ । ଏହା ସହ ହିନ୍ଦୁ ଜାଗରଣ କରାଯାଇଥିଲା । ଆଗାମୀ ଦିନରେ ହିନ୍ଦୁମାନଙ୍କୁ ଏକଜୁଟ କରି କାର୍ଯ୍ୟକ୍ରମ କରାଯିବ ବୋଲି କହିଥିଲେ ।

### ମଞ୍ଚ କଳାକାରଙ୍କ ପରଲୋକ



**ଦେଓଗାଁ,୧୪।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡାର ବରିଷ୍ଠ ମଞ୍ଚ କଳାକାର ସାଧୁଚରଣ ସାହୁ (୭୪)ଙ୍କ ଗୁରୁବାର ସକାଳେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ଅପରାହ୍ନରେ ନିକଟସ୍ଥ ସୋନଗଡ ନଦୀ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡପୁଅ ଅମୃତଲାଲ ସାହୁ ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ ସାହୁ ମଞ୍ଚ ଅଭିନୟରେ ସମସ୍ତଙ୍କୁ ବାନ୍ଧି ରଖିଥିଲେ। ଏଥିସହ ବିଭିନ୍ନ ସାଂଗଠନିକ କାର୍ଯ୍ୟରେ ତାଙ୍କ ଅବଦାନ ଥିଲା। ତାଙ୍କ ବିୟୋଗରେ ବ୍ଲକ ଅଧକ୍ଷା ରୀନା ମେହେର, ଲକ୍ଷ୍ମଣ କୁମାର ମେହେର, ଏମପିଙ୍କ ବ୍ଲକ ପ୍ରତିନିଧି ଅମିତ କୁମାର ସିଂ ନିନା, ବିଧାୟକଙ୍କ ବ୍ଲକ ପ୍ରତିନିଧି କାନ୍ତେଶ୍ୱର ପଧାନ, ରାମଜୀ ଚୌଧୁରୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ଗୋପାଳ ଚନ୍ଦ୍ର ମିଶ୍ର, ଗୋଷ୍ଠୀ କୃଷକ ମହାମଞ୍ଚ ଆବାହକ ଶ୍ୟାମ ସୁନ୍ଦର ଦାଶ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ସାହୁ ବନ୍ଧପଡାର ଖବରକାଗଜ ବିତରକ ଅଶ୍ୱିନୀ ସାହୁଙ୍କ ପିତା ଅଟନ୍ତି।

# ୬ ଲକ୍ଷ କ୍ୱଇଣ୍ଟାଲ ଧାନ ପଡ଼ିଛି

**କଳାହାଣ୍ଡି ଜିଲା**
- ୧୧ ମିଲର୍ସଙ୍କୁ କାରଣ ଦର୍ଶାଅ ନୋଟିସ
- ନୋଟିସକୁ ମିଲର୍ସଙ୍କ ବେଖାତିର

ଭବାନୀପାଟଣା, ୧୪।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲାର ବିଭିନ୍ନ ମଣ୍ଡି ଓ ଚାଷୀଙ୍କ ନିକଟରେ ଏବେ ବି ୬ ଲକ୍ଷ କ୍ୱଇଣ୍ଟାଲରୁ ଅଧିକ ଧାନ ପଡିରହିଛି। ଧାନ ଉଠାଣରେ ମନ୍ଥରତା ଯୋଗୁ ୭୦ ପ୍ରତିଶତରୁ କମ୍ ଧାନ ଉଠାଇ ଥିବା ୧୧ ମିଲର୍ସଙ୍କୁ ଜିଲାପାଳ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ । କିନ୍ତୁ ନୋଟିସ୍ ପରେ ବି ଧାନ ଉଠାଣରେ କୌଣସି ଅଗ୍ରଗତି ହେଉ ନାହିଁ। ଗୋଟିଏ ପଟେ ୭ କେଜି ପର୍ଯ୍ୟନ୍ତ କଟ୍ନୀ ଛଟ୍ନୀ ଏବଂ ଅନ୍ୟପଟେ ମଣ୍ଡିରୁ ଧାନ ନ ଉଠିବା ଯୋଗୁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କଳାହାଣି ଜିଲାରେ ପ୍ରଥମ ପର୍ଯ୍ୟାୟରେ ୪୦ ଲକ୍ଷ ୨୬ ହଜାର ୪୨୦ କ୍ୱଇଣ୍ଟାଲ ଧାନ କ୍ରୟ ପାଇଁ ଟାର୍ଗେଟ ଆସିଛି । ଏ ପର୍ଯ୍ୟନ୍ତ ୩୩ ଲକ୍ଷ ୫୦ ହଜାର ୯୨୨ କ୍ୱଇଣ୍ଟାଲ ଧାନ କ୍ରୟ ହୋଇଛି। ମିଲର୍ସଙ୍କୁ ୩୩ ଲକ୍ଷ ୨୦ ହଜାର ୬୮୫ କ୍ୱଇଣ୍ଟାଲ ଧାନ ପ୍ରଦାନ କରାଯାଇଛି। ଅବଶିଷ୍ଟ ୩୦ ହଜାର ୩୬୭ କ୍ୱଇଣ୍ଟାଲ ଧାନ ମଣ୍ଡିରେ ପଡିଥିବା ସରକାରୀ ଭାବେ ସୂଚନା ମିଳିଛି। କିନ୍ତୁ ପ୍ରକୃତରେ ଜିଲାର ୨୦୮ଟି ମଣ୍ଡିରେ ୬ ଲକ୍ଷ କ୍ୱଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ବିଭିନ୍ନ ମଣ୍ଡିରେ ପଡିରହିଛି। ୭୨ ଜଣ ମିଲର୍ସ ୫୧ ହଜାର ୪୯୦ ଜଣ ଚାଷୀଙ୍କଠାରୁ ୨୦୮ଟି ମଣ୍ଡିରୁ ଧାନ ଉଠାଣ କରିଛନ୍ତି । ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଷୀ ଟୋକନ୍ ପାଇ ମଣ୍ଡିରେ ପଡି ରହିଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ଡିସେମ୍ବର ୨୯ ତାରିଖରେ ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦ ୭୦ ପ୍ରତିଶତରୁ କମ୍ ଧାନ ଉଠାଇଥିବା ଧର୍ମଗଡ ସବ୍‌ଡିଭିଜନ୍‌ର ୬ଜଣ ଓ ଭବାନୀପାଟଣା ସବ୍‌ଡିଭିଜନର ୫ ଜଣ ମିଲର୍ସଙ୍କୁ ନୋଟିସ୍ ଜାରି କରିଥିଲେ। ନୋଟିସ୍ ପରେ ମଧ୍ୟ ଟାର୍ଗେଟ୍ ନ ଥିବା ଆଳ ଦେଖାଇ ମଣ୍ଡିରୁ ଧାନ ଉଠାଣ ହୋଇ ନ ଥିଲା। ପ୍ୟାକ୍ସ, ମିଲର୍ସ ଓ ଯୋଗାଣ ବିଭାଗର ମଣ୍ଡି ଷଡଯନ୍ତ୍ର ଯୋଗୁ ଚାଷୀ ନିଜର ଧାନକୁ ବିକ୍ରି କରିବା ପାଇଁ ଦହଗଞ୍ଜ ହେଉଛନ୍ତି। ଦଲାଲ ଜରିଆରେ ଅଣ୍ଡରରେଟ୍‌ରେ ଧାନ ମିଲ୍ ପଏଣ୍ଟକୁ ଯାଉଥିଲେ ମଧ୍ୟ ମଣ୍ଡି ପୂର୍ବରୁ ଓ ପରେ ଷ୍ଟକ୍ ଭେରିଫିକେସନ୍ ହେଉ ନ ଥିବା ଯୋଗୁ ଅନିୟମିତା ହେଉଥିବା ସନ୍ଦେହ କରାଯାଉଛି। ସେପଟେ ମଣ୍ଡିରୁ କେବେ ଧାନ ଉଠିବ, ନୂଆ ଟାର୍ଗେଟ୍ କେବେ ମିଳିବ ବର୍ତ୍ତମାନ ଚାଷୀଙ୍କ ପାଇଁ ଏକ ପ୍ରଶ୍ନ ପାଲଟିଛି। ଧାନ କିଣା ଭଳି ସମ୍ବେଦନଶୀଳ ସମୟରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଗତ ୨୦ରୁ ଊର୍ଦ୍ଧ୍ୱ ଦିନ ଛୁଟିରେ ରହିବା ସାଧାରଣରେ ଭିନ୍ନ ଚର୍ଚ୍ଚା ହେଉଛି। ଦଲାଲ୍‌ଙ୍କ ଧାନ ଅନାୟସରେ ବିକ୍ରି ହେଉଥିବା ବେଳେ ପ୍ରକୃତ ଚାଷୀ ଟୋକନ୍ ଧରି ଶୀତ କାକରରେ ପଡିରହିବା ଘଟଣା ଅନ୍ନଦାତାଙ୍କୁ ଅକଳରେ ପକାଇଛି। ବର୍ଷବର୍ଷ ଧରି ମଣ୍ଡି ଦୁର୍ନୀତିର ତଦନ୍ତ ହେଉ ନ ଥିବା ଯୋଗୁ ଦଲାଲମାନେ ମଣ୍ଡିରେ ନିଜର ଆଧିପତ୍ୟ ଜାହିର କରି ଚାଲିଛନ୍ତି। ମଣ୍ଡିରେ ପଡିରହିଥିବା ଧାନ କେବେ ଉଠିବ ଓ ନୂଆ ଟାର୍ଗେଟ୍ କେବେ ଆସିବ ସେ ନେଇ ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହୋଇଛି ।

# କଦଳୀଚାଷ ବୁଲି ଦେଖିଲେ କୃଷିମନ୍ତ୍ରୀ



ନାଇକେନସିରାରେ ଚାଷୀ ଗୋବିନ୍ଦ ଦାଶଙ୍କ କଦଳୀ ଚାଷ ବୁଲି ଦେଖୁଛନ୍ତି କୃଷିମନ୍ତ୍ରୀ ଅରୁଣ ସାହୁ ।

ଦେଓଗାଁ,୧୪।୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ହାତିସରା ପଞ୍ଚାୟତ ଅନ୍ତର୍ଗତ ନାଇକେନସିରାର ଚାଷୀ ଗୋବିନ୍ଦ ଦାଶ ଓ ରାଧେଶ୍ୟାମ ଦାସଙ୍କ କଦଳୀ ଚାଷକୁ ଗୁରୁବାର କୃଷିମନ୍ତ୍ରୀ ଡ.ଅରୁଣ କୁମାର ସାହୁ ବୁଲି ଦେଖିଛନ୍ତି । ମାତ୍ର ଦେଢ଼ ଏକର ଜମିରେ ହୋଇଥିବା କଦଳୀଚାଷର ସଫଳତା ଦେଖି ମନ୍ତ୍ରୀ ଡ.ସାହୁ ଚାଷୀଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ଏଥିସହ ବଲାଙ୍ଗୀର ମାଟିରେ କଦଳୀ ଚାଷ ଭଲ ହେଉଥିବାରୁ ଏଠାରେ ଏହି ଚାଷ ଉପରେ ପ୍ରାଧାନ୍ୟ ଦିଆଯିବ ବୋଲି କହିଥିଲେ। ସ୍ଥାନୀୟ କୃଷି କର୍ମଚାରୀମାନେ ଆବଶ୍ୟକ ପରାମର୍ଶ ଦେଉ ନ ଥିବା କିମ୍ବା କେହି ପରିଦର୍ଶନରେ ଆସୁ ନ ଥିବା ଉପସ୍ଥିତ ଚାଷୀମାନେ ଅଭିଯୋଗ କରିଥିଲେ । ମନ୍ତ୍ରୀ ପରିଦର୍ଶନ ସମୟରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ ପ୍ରମୁଖ ମନ୍ତ୍ରୀ ସାହୁଙ୍କୁ ଦେଓଗାଁ ବ୍ଲକରେ କୃଷିର ବିକାଶ ପାଇଁ ସରକାରୀ ସହାୟତାର ବିଶେଷ ଆବଶ୍ୟକତା ରହିଥିବା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ଦେଓଗାଁ ବଙ୍ଗଳା ନିକଟରେ ଥିବା ମେଣ୍ଢା ଫାର୍ମରେ ଆବଶ୍ୟକ ଭିତ୍ତିଭୂମି ରହିଥିବାରୁ ଏଠାରେ କେବିକେର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ଅଥବା ପ୍ରାଣୀ ଚିକିତ୍ସା ରିସର୍ଚ୍ଚ ସେଣ୍ଟର ଖୋଲିବାପାଇଁ ପ୍ରସ୍ତାବ ଦେଇଥିଲେ ।

# ପ୍ରମାଣ ଅଭାବରୁ ୨ ନିର୍ଦ୍ଦୋଷରେ ଖଲାସ

**ମୃତକଙ୍କ ନାମରେ ଟ୍ରାକ୍ଟର ଋଣ ଉଠାଣ ମାମଲା**

ଜୁନାଗଡ, ୧୪।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ନାନ୍ଦୋଲ ଗ୍ରାମର ଜଣେ ମୃତବ୍ୟକ୍ତିଙ୍କ ନାମରେ ସେହି ଗ୍ରାମର ଜଣେ ବ୍ୟକ୍ତି ସ୍ଥାନୀୟ ସହରସ୍ଥିତ ୟୁକୋ ବ୍ୟାଙ୍କରେ ନିଜ ଫଟୋ ଲଗାଇ ୭ ଲକ୍ଷ ଟଙ୍କାର ଟ୍ରାକ୍ଟର ଓ ଟ୍ରଲି ଋଣ ଉଠାଣ ମାମଲାର ରାୟ ପ୍ରକାଶ ପାଇଛି। ଜୁନାଗଡ ଜେଏମ୍‌ଏଫସି କୋର୍ଟ ବିଚାରପତି ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ ଏହି ଘଟଣାରେ ୧୫ଜଣ ସାକ୍ଷୀ ପ୍ରମାଣକୁ ଭିତ୍ତି କରି ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ସୂଚନାରୁ ପ୍ରକାଶ ଯେ, ଗତ ୨୦୧୩ରେ ଜୁନାଗଡ ବ୍ଲକ ନାନ୍ଦୋଲ ଗ୍ରାମର ଗୋବର୍ଦ୍ଧନ ସାହୁ ନାମକ ଜଣେ ମୃତବ୍ୟକ୍ତିଙ୍କ ସମସ୍ତ କାଗଜପତ୍ର, ଦସ୍ତଖତକୁ ଜାଲିଆତି କରି ସେହି ଗ୍ରାମର ରାଜ କିଶୋର ସାହୁ ନାମକ ଜଣେ ବ୍ୟକ୍ତି ନିଜ ଫଟୋ ଲଗାଇ ଜୁନାଗଡ ସହର ୟୁକୋ ବ୍ୟାଙ୍କରେ ଟ୍ରାକ୍ଟର ଓ ଟ୍ରଲି ଋଣ ପାଇଁ ୭ ଲକ୍ଷ ଟଙ୍କା ଉଠାଣ କରିଥିବା ଅଭିଯୋଗ ହୋଇଥିଲା। ବ୍ୟାଙ୍କରେ ଗୋବର୍ଦ୍ଧନଙ୍କ ନାମରେ ୨ଟି କିସ୍ତି ଋଣ ଭରିବା ପରେ ତୃତୀୟ କିସ୍ତି ଋଣ ଭରି ନ ଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷ ଋଣ କିସ୍ତି ବିଳମ୍ବ ହେବା ଯୋଗୁ ଗୋବର୍ଦ୍ଧନ ସମ୍ପର୍କରେ ବୁଝିବାକୁ ନାନ୍ଦୋଲ ଗ୍ରାମକୁ ଯାଇଥିଲେ। ଗାଁ ଲୋକଙ୍କ ସହ କଥା ହେବା ପରେ ଗୋବର୍ଦ୍ଧନ ଋଣ ନେବା ଦୀର୍ଘ ବର୍ଷ ପୂର୍ବରୁ ମୃତବରଣ କରିଥିବା ଜାଣିବାକୁ ପାଇଥିଲେ। ଫର୍ମରେ ଲଗାଯାଇଥିବା ଫଟୋକୁ ଦେଖି ଗ୍ରାମର ରାଜ କିଶୋର ସାହୁ ବୋଲି ଜଣାପଡିଥିଲା। ବ୍ୟାଙ୍କ କର୍ତ୍ତୃପକ୍ଷ ରାଜ କିଶୋର ଏପରି କାମ କରିଥିବା ସନ୍ଦେହ କରିଥିଲେ। ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ୨୪।୧୦।୧୪ରେ ଜୁନାଗଡ ଥାନାରେ ରାଜ କିଶୋରଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ତଦନ୍ତ କରି ରାଜ କିଶୋରଙ୍କ ସହ ବ୍ୟାଙ୍କ କର୍ମଚାରୀ ନରେନ୍ଦ୍ର କୁମାର ଦେବ ସାମିଲ ଥିବା ଜାଣିଥିଲେ। ଉଭୟଙ୍କ ନାମରେ ଆଇପିସି ଦଫା ୪୨୦/୪୧୭/୪୬୮/୪୧୯/୪୭୧ରେ ଏକ ମାମଲା (ନଂ.୨୦୩/୧୪) ରୁଜୁ କରି ସ୍ଥାନୀୟ ଜେଏମଏଫସିକୁ କୋର୍ଟକୁ ଚାର୍ଟସିଟ ପଠାଇଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଏପିପି ଅଶୋକ କୁମାର ନାୟକ ଓ ଅଭିଯୁକ୍ତଙ୍କ ପକ୍ଷରୁ ଯୁବ ଆଇନଜୀବୀ ଜୟଦେବ ସୁନାନୀ ପରିଚାଳନା କରିଥିଲେ।




ଜୁନାଗଡ ୟୁକୋ ବ୍ୟାଙ୍କ ।

## କଂଗ୍ରେସ ନେତା ଅଟକ

ଭବାନୀପାଟଣା, ୧୪।୧ (ଡି.ଏନ.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳାହାଣ୍ଡି ଜିଲା ଗସ୍ତ ପୂର୍ବରୁ ବୁଧବାର ଭବାନୀପାଟଣା ସହର ନକଟିଗୁଡା ଛକଠାରେ ରାଜ୍ୟ ସରକାରଙ୍କ ୩ ମନ୍ତ୍ରୀ ଓ ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକଙ୍କୁ ଯୁବ କଂଗ୍ରେସ କର୍ମୀମାନେ କଳାପତାକା ପ୍ରଦର୍ଶନ କରିଥିଲେ। ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଗସ୍ତରେ ସମୟରେ କଂଗ୍ରେସ ପକ୍ଷରୁ କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ନ ହେଉ ତାହାକୁ ଦୃଷ୍ଟିରେ ରଖି ଭବାନୀପାଟଣା ଟାଉନ ଥାନା ଆଇଆଇସି ସତ୍ୟ କୁମାର ନନ୍ଦ ଜିଲା କଂଗ୍ରେସ ଉପସଭାପତି ଦେବୀ ପ୍ରସାଦ ସିନ୍ଧୁର, କଂଗ୍ରେସ ଆଦିବାସୀ ନେତା ପରମାନନ୍ଦ ମାଝି, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ତ୍ରିଲୋଚନ ପାଣିଗ୍ରାହୀ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ମହମ୍ମଦ ସାହେବ, ନିମାଞ୍ଚଳ ନାଏକ, ସୁକାନ୍ତ ବିଶି, ପ୍ରିତମ ବେହେରା ପ୍ରମୁଖଙ୍କୁ ଥାନାରେ ଅଟକ ରଖାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଶେଷ ପରେ ସନ୍ଧ୍ୟାରେ ସେମାନଙ୍କୁ ପୋଲିସ ଛାଡିଥିଲା।

# ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ବିଭିନ୍ନ ବ୍ଲକ ଗସ୍ତ



ଭବାନୀପାଟଣା ବ୍ଲକ ବେହେରାଗୁଡ଼ା ମାଛ ଚାଷ ପୋଖରୀ ବୁଲି ଦେଖୁଛନ୍ତି ।

କେସିଙ୍ଗା, ୧୪।୧ (ଡି.ଏନ.ଏ.)

ଭୁବନେଶ୍ୱର ଜଳ ବିଭାଜିକା ଉନ୍ନୟନ ବିଭାଗ ଓଡିଶା ନିର୍ଦ୍ଦେଶକ ହେମନ୍ତ ପଣ୍ଡା ବୁଧବାର ଦୁଇ ଦିନିଆ କଳାହାଣ୍ଡି ଜିଲା ଗସ୍ତ କରି ସରକାରଙ୍କ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଚାଲିଥିବା କ୍ଷେତ ପୋଖରୀ, ଆମ୍ବ ଓ କାଜୁ ବୃକ୍ଷ ରୋପଣ ବୁଲି ଦେଖିଥିଲେ। ଗୁରୁବାର ଭବାନୀପାଟଣା ବ୍ଲକ ବେହେରାଗୁଡ଼ା ମାଛ ଚାଷ ପୋଖରୀ ବୁଲି ଦେଖିଥିଲେ । ପରେ ସେ କେସିଙ୍ଗା ବ୍ଲକର ବିଭିନ୍ନ ପଞ୍ଚାୟତ ଗସ୍ତ କରି ମାଛ ଚାଷ ପୋଖରୀ ଏବଂ ଆମ୍ବ କାଜୁ ବୃକ୍ଷ ରୋପଣ ବୁଲି ଦେଖିଥିଲେ।

ପ୍ରଥମ ପର୍ଯ୍ୟାୟରେ ବୁଧବାର ମ.ରାମପୁର ବ୍ଲକ ବାଞ୍ଜିପଦର ଗ୍ରାମରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ହୋଇଥିବା କ୍ଷେତ ପୋଖରୀ, ବୁଢ଼ିଖମନ ଗ୍ରାମରେ କ୍ଷେତ ପୋଖରୀ, ଅଁଳାତରା ଗ୍ରାମରେ ୪ ହେକ୍ଟରରେ ହୋଇଥିବା ଆମ୍ବ ବଗିଚା ଆଦି କାର୍ଯ୍ୟ ଦେଖିଥିଲେ। କର୍ଲାମୁଣ୍ଡା ବ୍ଲକ ବୋରପଦର ପଞ୍ଚାୟତ ଖଲିଆପାଲି ଗ୍ରାମର ଅଶୋକ ସାହୁଙ୍କ କ୍ଷେତ ପୋଖରୀ ପରିଦର୍ଶନ ପରେ କିଶୋର ଚନ୍ଦ୍ର ସାହୁଙ୍କର ହେବାକୁ ଥିବା କ୍ଷେତ ପୋଖରୀର ଭୂମୀ ପୂଜନ କରିଥିଲେ। ଏହାପରେ ଯମୁନାପୁର ଗାଁର ଭିକାରୀ ମହାନନ୍ଦଙ୍କ କ୍ଷେତ ପୋଖରୀ ପରିଦର୍ଶନ କରିଥିଲେ। ସରାବାହାଲିଠାରେ ଅନୁଷ୍ଠିତ ସାଧାରଣ ସଭାରେ ଉପସ୍ଥିତ ଇଚ୍ଛୁକ କ୍ଷେତ ପୋଖରୀ ହିତାଧିକାରୀ ତଥା ସ୍ୱୟଂ ସହାୟକ ଦଳ ମହିଳାମାନଙ୍କୁ ଅଧିକରୁ ଅଧିକ କ୍ଷେତ ପୋଖରୀ କରିବା ପାଇଁ ପରାମର୍ଶ ଦେଇଥିଲେ। କୃଷି କ୍ଷେତରେ ଧାନ ବଦଳରେ ଅଣଧାନ କରିବା ପାଇଁ କହିଥିଲେ। ସେମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରକଳ୍ପ ନିର୍ଦ୍ଦେଶକ କୁମୁଦ ଚନ୍ଦ୍ର ପାତ୍ର, ସହପ୍ରକଳ୍ପ ନିର୍ଦ୍ଦେଶକ ସଂକୀର୍ତ୍ତନ ବିଶି ଏବଂ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ସତ୍ୟନାରାୟଣ ଆଚାରୀ ଏବଂ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଉଚିତ କାର୍ଯ୍ୟାନୁଷ୍ଠାନ ନ ହେଲେ ଅପରାଧ ବଢ଼ିବ

**ଡେଲିମାର୍କେଟ୍ ଆକ୍ରମଣ ଘଟଣାରେ ଏସପିଙ୍କୁ ଭେଟିଲେ ଓକିଲ**

ବଲାଙ୍ଗୀର ଅଫିସ, ୧୪।୧

ବବଲାଙ୍ଗୀର ଡେଲିମାର୍କେଟଠାରେ ଶନିବାର ବିଳମ୍ବିତ ରାତିରେ ଗାଡିହର୍ଣ୍ଣ ବଜାଇବାକୁ କେନ୍ଦ୍ର କରି ଟିକୁ ମିଶ୍ର ନାମକ ଜଣେ ଯୁବକ ଏକ ଟାଙ୍ଗିଆ ଧରି ପରିବା ବେପାରୀଙ୍କୁ ଆକ୍ରମଣ କରି ଦୁଇଟି ବାଇକ୍, ଗୋଟିଏ ଗାଡି ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାର ସିସିଟିଭି ଫୁଟେଜ୍ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଏ ସମ୍ପର୍କରେ ପରିବା ବେପାରୀ ବୈକୁଣ୍ଠ ସାହୁ ବଲାଙ୍ଗୀର ଆଦର୍ଶ ଟାଉନ୍ ଥାନାରେ ଅଭିଯୋଗ କରିବା ପରେ ଅଭିଯୁକ୍ତ ମିଶ୍ରଙ୍କ ବିରୋଧରେ ଏକ ମାମଲା (୨୩/୨୧) ରୁଜୁ ହୋଇଥିଲା । ତେବେ ସନ୍ଧ୍ୟାରେ ଉଭୟ ଅଭିଯୋଗକାରୀ ସାହୁ ଓ ଅଭିଯୁକ୍ତ ମିଶ୍ରଙ୍କ ମଧ୍ୟରେ ଆପୋଷ ବୁଝାମଣା ହୋଇଥିଲା। ତେବେ ଏହି ଘଟଣାକୁ ନେଇ ସହରର କେତେକ ଓକିଲ ବୁଧବାର ବଲାଙ୍ଗୀର ଜିଲା ପୋଲିସ କାର୍ଯ୍ୟାଳୟକୁ ଯାଇ ଏସ୍‌ପି ନୀତୀନ କୁଶଲକରଙ୍କୁ ଭେଟି ଏକ ଦାବିପତ୍ର ଦେଇଥିଲେ। ଆଡ଼ଭୋକେଟ୍ ପ୍ରବୀଣ ମିଶ୍ରଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳ ସହରର ଡେଲିମାର୍କେଟର ଜଣେ ଯୁବକଙ୍କୁ ଟାଙ୍ଗିଆ ଧରି ଆକ୍ରମଣ ଘଟଣାରେ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କୋହଳ ଦଫା ଲଗାଇଛି ବୋଲି ଅଭିଯୋଗ କରିଥିଲେ। ପୋଲିସର ଏଭଳି ମନୋଭାବ ଯୋଗୁଁ ସହରରେ ଅପରାଧ ଓ ରାଜନୈତିକ ପୃଷ୍ଠପୋଷକତାକୁ ଉତ୍ସାହିତ କରିବ ବୋଲି କହିଥିଲେ। ଏହି ଘଟଣାର ତଦନ୍ତକାରୀ ଅଧିକାରୀଙ୍କୁ ଉଚିତ୍ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବାକୁ ପ୍ରତିନିଧି ଦଳ ଦାବି କରିଥିଲେ। ଏ ଦିଗରେ ପଦକ୍ଷେପ ନେବେ ବୋଲି ଏସ୍‌ପି କହିଥିବା ଜଣାପଡିଛି । ପ୍ରତିନିଧି ଦଳରେ ଆଡଭୋକେଟ୍ ଓମ୍‌କାର ନାୟକ, ସଞ୍ଜୀବ କୁମାର ନାଥ, ନିଳାଦ୍ରୀ ବିହାରୀ ସିଂ, ସତ୍ୟନାରାୟଣ ନାୟକ, ଶୁଭ୍ରାଂଶୁ ପଣ୍ଡା, ମହେନ୍ଦ୍ର ବାଗ ସାମିଲ ଥିଲେ।



ଆଡଭୋକେଟ୍ ପ୍ରତିନିଧି ଦଳ ଏସ୍‌ପି କାର୍ଯ୍ୟାଳୟକୁ ଫେରାଦ ହେବାକୁ ଆସିଛନ୍ତି ।

# ବୁଦେଲବାହାଲି ଫୁଟ୍‌ବଲ: ଲୋଇସିଂହା ଚାମ୍ପିୟନ

ଲୋଇସିଂହା,୧୪।୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଦେଲବାହାଲି ମା ଦୁର୍ଗା ଫୁଟବଲ କ୍ଲବ ଆନୁକୂଲ୍ୟରେ ଚାଲିଥିବା ତ୍ରିଦିବସୀ ଫୁଟବଲ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ଲୋଇସିଂହା ଏବିଏଫଏ ଓ ରୋତ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ୧-୦ଗୋଲରେ ଲୋଇସିଂହା ବିଜୟୀ ହୋଇ ଟାଇଟଲ ହାତେଇଥିଲା। ସଞ୍ଜୀବ ମହାରଣା, ଭୋଳାନାଥ ନାଏକ ଓ ପ୍ରଫୁଲ୍ଲ ବଗର୍ତ୍ତୀ ଖେଳ ପରିଚାଳନା କରିଥିଲେ। ପୂର୍ଣ୍ଣଚନ୍ଦ୍ର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଜିଲା ବିଜେଡି ଯୁବ ସଭାପତି ନୀତେଶ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି, ବ୍ଲକ ଯୁବ ସଭାପତି ପ୍ରକାଶ ମହାରଣା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ୫ ହଜାର ଓ ରନର୍ସ ଅପ ଦଳକୁ ୩ ହଜାର ଟଙ୍କା ଦେଇ ପୁରସ୍କୃତ କରାଯାଇଥିଲା।



ଫାଇନାଲ ମ୍ୟାଚରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

# ସାମଗ୍ରିକ ଉନ୍ନତି ଉପରେ ଗୁରୁତ୍ୱ

**ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ସ୍ୱାସ୍ଥ୍ୟବିକାଶ ସମିତି ବୈଠକ**
- ହସ୍ପିଟାଲ ପରିସରରେ ସିସିଟିଭି ତୁରନ୍ତ ଲଗାଯାଉ
- ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ, ସ୍ୱେରେଜ୍ ବ୍ୟବସ୍ଥା କରାଯାଉ

ବଲାଙ୍ଗୀର ଅଫିସ, ୧୪।୧

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ସ୍ୱାସ୍ଥ୍ୟବିକାଶ ସମିତି ବୈଠକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ନରସିଂହ ମିଶ୍ର, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ମହାନନ୍ଦ, ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ନୀତୀନ୍ କୁଶଲକର, ମେଡିକାଲ କଲେଜ ଡିନ୍ ଓ ଅଧକ୍ଷ ଡା. ସବିତା ମହାପାତ୍ର, ମେଡିକାଲ କଲେଜ ହସ୍ପିଟାଲ ଅଧୀକ୍ଷକ ଡା ମହେନ୍ଦ୍ର କୁମାର ନାୟକ, ସିଡିଏମ୍‌ଓ ଡା ଭୀମ ସାହୁଙ୍କ ସହ ସମିତି ସଦସ୍ୟା, ସଦସ୍ୟ ଉପସ୍ଥିତ ଥିଲେ।

ମେଡିକାଲ କଲେଜ ଅଧୀକ୍ଷକ ଡା ନାୟକ ପାୱାର ପଏଣ୍ଟ ଜରିଆରେ ମେଡିକାଲ କଲେଜ ସ୍ୱାସ୍ଥ୍ୟ ବିକାଶ ସମିତିର ବିଭିନ୍ନ ଆଲୋଚ୍ୟ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ବୈଠକରେ ଗତ ଫେବୃୟାରୀ ୨୭ ତାରିଖ ଅନଷ୍ଠିତ ସମିତିର ପ୍ରଥମ ବୈଠକରେ ନିଆଯାଇଥିବା ବିଭିନ୍ନ ପ୍ରସ୍ତାବ ଓ ଏହାର କାର୍ଯ୍ୟକାରିତା ଉପରେ ଆଲୋଚନା କରାଯାଇଥିଲା। ମେଡିକାଲ କଲେଜ ପରିସରରେ ଯଥାଶୀଘ୍ର ସିସିଟିଭି ଲଗାଇବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ଅଗ୍ନି ନିରାପତ୍ତା ପରିଚାଳନା ସମ୍ପର୍କରେ ପଦକ୍ଷେପ ନେବା, ବିଦ୍ୟୁତ୍ ଓ ଜଳଯୋଗାଣ ସମସ୍ୟାର ଶୀଘ୍ର ସମାଧାନ କରିବା ଦିଗରେ ଆଲୋଚନା ହୋଇଥିଲା। ଅଧୀକ୍ଷକ ଡା ନାୟକ କାୟାକଳ୍ପ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ମେଡିକାଲ କଲେଜରେ ପ୍ରତିଷ୍ଠା ହୋଇଥିବା କୋଭିଡ ପରୀକ୍ଷାଗାର ଓ କୋଭିଡ-୧୯ ଆରଟିପିସିଆର ପରୀକ୍ଷା ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ । ମେଡିକାଲ କଲେଜର ମାନବ ସଂଶାଧନ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରି କଲେଜରେ କେତେ ଡାକ୍ତର, ନର୍ସ, ପାରା ମେଡିକାଲ ଷ୍ଟାପ୍, ପ୍ରଶାସନିକ କର୍ମଚାରୀଙ୍କ ପଦବୀ ଖାଲିପଡିଛି ତାହାର ତଥ୍ୟ ରଖିଥିଲେ। ବୈଠକରେ ରୋଗୀ ପରିଜନଙ୍କ ନିମନ୍ତେ ଆଶ୍ରୟସ୍ଥଳୀ ନିର୍ମାଣ, ନୂତନ ଭାବେ ନିର୍ମାଣ କରାଯାଇଥିବା ସର୍ଜରୀ ଅପରେଶନ୍ ଥିଏଟରକୁ ଲିଫ୍ଟ ବ୍ୟବସ୍ଥା, ପୁରୁଣା କୋଠାକୁ ଭାଙ୍ଗିବା, କୋଭିଡ ଏଚ୍‌ଡିୟୁ ଓ ଆଇସିୟୁରେ ଅକ୍ସିଜେନ୍ ମନିଫୋଲ୍ଡର ବ୍ୟବସ୍ଥା କରିବା, ବାୟୋମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା, ବର୍ନ ୟୁନିଟ୍ ପ୍ରତିଷ୍ଠା, ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା ଉପରେ ଆଲୋଚନା କରାଯାଇଥିଲା। ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ପାଇଁ ଆବଶ୍ୟକ ହେଉଥିବା ଆଉ ୪ଟି ଆମ୍ବୁଲାନ୍ସ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ଏହା ସହିତ ବିଭିନ୍ନ କେନ୍ଦ୍ରୀୟ ଓ ରାଜ୍ୟସ୍ତରୀୟ ଯୋଜନା ଉପରେ ମଧ ଆଲୋଚନା ହୋଇଥିଲା ।



ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ସ୍ୱାସ୍ଥ୍ୟବିକାଶ ସମିତି ବୈଠକରେ ଏମପି ସଙ୍ଗୀତା କୁମାରୀ ସିଂଦେଓ ଅଧକ୍ଷତା କରୁଛନ୍ତି ।

## ରେଳ ଲାଇନ୍‌ରେ କଟି ଦିନ ମଜୁରିଆଙ୍କ ମୃତ୍ୟୁ

କୁଆଁରମୁଣ୍ଡା(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ରାଉରକେଲା-ବୀରମିତ୍ରପୁର ରେଳ ଲାଇନ୍‌ରେ ଗୁରୁବାର ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ଏକ ଟ୍ରେନ ଧକ୍କାରେ ଜଣେ ଦିନ ମଜୁରିଆଙ୍କ ମୃତ୍ୟୁ ହୋଇଯାଇଛି। ମୃତ ଦିନ ମଜୁରିଆ ଜଣଙ୍କ ହେଉଛନ୍ତି କୁଆଁରମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ତେଲିପୋଷ ଗ୍ରାମର ରୋଲାଟୋଲି ବାସିନ୍ଦା ଇଲିଆଯାର ବାର୍ଲା(୪୮)। ଏହି ଖବର ପାଇ ସ୍ଥାନୀୟ ଲୋକଙ୍କ ସହ ମୃତ ଇଲିଆଯାରଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ।

## ସଂକ୍ଷେପରେ

### ଫାଶି ଲଗାଇ ଯୁବକ ମୃତ

**ରାଉରକେଲା ଅଫିସ,୧୪।୧:** ସେକ୍ଟର-୧୯ ଥାନା ଅନ୍ତର୍ଗତ ହମିରପୁର ଅଞ୍ଚଳରେ ଜଣେ ଯୁବକ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ହମିରପୁର ଅଞ୍ଚଳରେ ଅଜୟ ବରୁଆ(୨୯) ପରିବାର ସହ ବାସ କରନ୍ତି। ବୁଧବାର ଅପରାହ୍ନ ସାଢ଼େ ୨ଟାରେ ଘରେ ଖାଇପିଇ ନିଜ ରୁମ୍‌ରେ କବାଟ ଦେଇ ଶୋଇଥିଲେ। ରାତି ହେବାରୁ ଘର ଲୋକେ ତାଙ୍କ କବାଟ ବାଡ଼େଇ ଥିଲେ ମଧ୍ୟ ଅଜୟ କବାଟ ଖୋଲି ନ ଥିଲେ। ପରେ ପରିବାର ଲୋକେ ଝରକା ପଟେ ଦେଖିବାରୁ ଅଜୟ ବେକରେ ଫାଶି ଲଗାଇ ଝୁଲିଥିବା ଦେଖିଥିଲେ। ପରିବାର ଲୋକେ ଏସମ୍ପର୍କରେ ପୋଲିସକୁ ଖବର ଦେଇଥିଲେ।

### ୨ ମୋବାଇଲ ଲୁଟେରା ଗିରଫ

**ରାଉରକେଲା ଅଫିସ, ୧୪।୧:** ବ୍ରାହ୍ମଣୀତରଙ୍ଗ ପୋଲିସ ବୁଧବାର ବିଳମ୍ବିତ ରାତିରେ ୨ଜଣ ମୋବାଇଲ ଲୁଟେରାଙ୍କୁ ଗିରଫ କରିଛି। ଦୁଇ ଲୁଟେରା ହେଲେ ଲୁଙ୍ଗେଇ ବସ୍ତିର ସୁରଜ ଏକ୍କା (୨୫) ଓ ସ'ମିଲ ଟୁଙ୍ଗରିଟୋଲା ବସ୍ତିର ଦୀପକ ସାହୁ ଓରଫ ଦିପୁ(୨୪)। ପୋଲିସ ସୂଚନା ଅନୁଯାୟୀ, ବେଦବ୍ୟାସ ଗୋପପାଲି ବସ୍ତିରେ ସୁଷମା ମୁଣ୍ଡା(୧୯) ପରିବାର ସହ ବାସ କରନ୍ତି। ସୁଷମା ସନ୍ଧ୍ୟା ସାଢ଼େ ୭ଟାରେ ବେଦବ୍ୟାସ ଦୁର୍ଗାମଣ୍ଡପ ଅଞ୍ଚଳରୁ ଟ୍ୟୁସନ ସାରି ଘରକୁ ଫେରୁଥିବା ସମୟରେ ଦୀପକ ଓ ସୁରଜ ଏକ ବାଇକ୍ ନଂ.ଓଆର ୧୪ପି ୮୩୬୮ ଯୋଗେ ଆସି ଯୁବତୀଙ୍କୁ ମାରପିଟ୍ କରିବା ସହ ତାଙ୍କ ମୋବାଇଲକୁ ଲୁଟି ଫେରାର ହୋଇଯାଇଥିଲେ। ଏନେଇ ଯୁବତୀ ଜଣଙ୍କ ବ୍ରାହ୍ମଣୀତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଉକ୍ତ ଘଟଣାର ତଦନ୍ତ କରି ବିଳମ୍ବିତ ରାତିରେ ଲୁଙ୍ଗେଇ ବସ୍ତି ଓ ଟୁଙ୍ଗରିଟୋଲା ବସ୍ତିରେ ଚଢ଼ାଉ କରି ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

### ଯୁବକଙ୍କ ମୃତଦେହ ଜବତ: ହତ୍ୟା ସନ୍ଦେହ

**ଲହୁଣୀପଡା, ୧୪।୧ (ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ହାତିକୁଚା ଗ୍ରାମ ପୋଖରୀ ହୁଡା ନିକଟରୁ ଗୁରୁବାର ଅପରାହ୍ନରେ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର ହୋଇଛି। ମହିଷଛାପଲ ଗ୍ରାମର ବିଜୟ ମିଞ୍ଜ (୩୬) ଗତ ରବିବାର ସକାଳୁ ଘରୁ ବାହାରି ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ପତ୍ତା ପାଇ ନ ଥିଲେ । ଗୁରୁବାର ଅପରାହ୍ନ ପ୍ରାୟ ୨ଟା ବେଳେ ହାତିକୁଚା ଗ୍ରାମର ପୋଖରୀ ନିକଟରେ ଏକଶବ ପଡିଥିବା ଜାଣିବା ପରେ କେ.ବଲାଙ୍ଗ ପୋଲିସକୁ ଖବର ଦିଆଯାଇଥିଲା । ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ବିଜୟ ମିଞ୍ଜର ପରିବାର ଲୋକ ଆସି ମୃତଦେହ ଚିହ୍ନଟ କରିଥିଲେ। ଶୁକ୍ରବାର ମୃତଦେହ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ ଲହୁଣୀପଡା ଡାକ୍ତରଖାନାକୁ ପଠାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ । ବିଜୟଙ୍କ ଶରୀରରେ କ୍ଷତ ଚିହ୍ନଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ସନ୍ଦେହ କରୁଛି।

### ଧାନବିଲରୁ ମିଳିଲା ଯୁବକଙ୍କ କଟାହାତ

**ସୁନ୍ଦରଗଡ,୧୪।୧(ଡି.ଏନ.ଏ):** ସହର ଉପକଣ୍ଠ କିରେଇ ନିକଟ ଏକ ଧାନ ବିଲ ମଧ୍ୟରୁ ଗୁରୁବାର ସନ୍ଧ୍ୟାରେ ଟାଉନ ଥାନା ପୋଲିସ ଜଣେ ଯୁବକଙ୍କ ଏକ କଟା ହାତ ଉଦ୍ଧାର କରିଛି। ସାଇଣ୍ଟିଫିକ ପୋଲିସ ସହାୟତାରେ ଏହାକୁ ଜବତ କରି ତଦନ୍ତ ଆରମ୍ଭ କରିଛି। କଟାହାତଟି କାହାର ଜଣାପଡି ନ ଥିଲେ ମଧ କିରେଇ ଗ୍ରାମପଞ୍ଚାୟତର ଗ୍ରାମ ସାଥୀ ରମେଶ ସିଂ ନିଖୋଜ ଥିବା ନେଇ ଥାନାରେ ରିପୋର୍ଟ ହୋଇଛି।

### ଦୋକାନ ସମ୍ମୁଖରୁ ବାଇକ୍ ଚୋରି

ରାଉରକେଲା ଅଫିସ, ୧୪।୧: ଛେଣ୍ଡ ଥାନା ଅଞ୍ଚଳ ସ୍ଥିତ କଳିଙ୍ଗ ବିହାର ଅଞ୍ଚଳରେ ଏକ ଗ୍ରୋସରୀ ଦୋକାନ ସମ୍ମୁଖରୁ ଏକ ବାଇକ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଛେଣ୍ଡ କଳିଙ୍ଗ ବିହାର ଏମ୍‌ଆଇ ବ୍ଲକରେ ପବିତ୍ର କୁମାର ଏକ ଗ୍ରୋସରୀ ଦୋକାନ କରିଛନ୍ତି। ସବୁଦିନ ପରି ପବିତ୍ର ତାଙ୍କ ବାଇକ ଦୋକାନ ସମ୍ମୁଖରେ ରଖନ୍ତି । ସନ୍ଧ୍ୟା ସମୟରେ ତାଙ୍କର ଦୋକାନଟି ଭିଡ଼ ଥିବା ସମୟରେ କେହି ଦୁର୍ବୃତ୍ତ ତାଙ୍କ ବାଇକ ନଂ. ଓଡ଼ି୧୪ଡ଼ି୨୦୨୧କୁ ଚୋରି କରି ଫେରାର ହୋଇଯାଇଥିଲେ। ଏନେଇ ପବିତ୍ର ଛେଣ୍ଡ ଥାନାରେ ଅଭିଯୋଗ କରିଛନ୍ତି।

# ହାତୀ ଉପଦ୍ରବ, ଲୋକେ ଭୟଭୀତ

**ପଡ଼ିଆବାହାଲ,୧୪।୧(ଡି.ଏନ୍.ଏ.)**

ସମ୍ବଲପୁର ବନଖଣ୍ଡର ପଡ଼ିଆବାହାଲ ଓ ବାମରା ବନଖଣ୍ଡର ବଡ଼ରମା ରେଞ୍ଜ ଅଞ୍ଚଳରେ ହାତୀ ଉପଦ୍ରବ ଯୋଗୁ ଲୋକେ ଭୟଭୀତ ହୋଇପଡିଛନ୍ତି। ଜଙ୍ଗଲ ପଦା ହେଉ ବା ଖାଦ୍ୟାଭାବ, ସନ୍ଧ୍ୟା ହେଉହେଉ ହାତୀପଲ ଗାଁମୁହାଁ ହେଉଛନ୍ତି। ଧାନ, ଚାଉଳ ଖାଇବା ଆଶାରେ ସେମାନେ ଅଧିକାଂଶଙ୍କ ଘର ଭାଙ୍ଗି ଦେଉଛନ୍ତି। ଗତବର୍ଷ ବଣୁଆ ହାତୀଦଳ ଅଞ୍ଚଳର ଖଲିଆପାଲି, କଦଳୀମୁଣ୍ଡା, ବାହାମ, ଜଗନ୍ନାଥ କଲୋନୀ, କୁଶନପୁରୀ, ମୁଣ୍ଡେନପାଲି, ଖରସନମାଲ, ନୂଆଁକଣ୍ଟା ଆଦି ଗ୍ରାମର କେତେଜଣଙ୍କ ଘର ଭାଙ୍ଗି ଧାନ ଖାଇବା ସହ ପନିପରିବା ନଷ୍ଟ କରିଥିଲେ। କ୍ଷତିଗ୍ରସ୍ତ ଲୋକେ ଏ ପର୍ଯ୍ୟନ୍ତ କ୍ଷତିପୂରଣ ପାଇନାହାନ୍ତି। ଏପରିସ୍ଥଳେ ଦୁଇଦିନ ହେଲା ବଣୁଆ ହାତୀ ଉପଦ୍ରବ ଆରମ୍ଭ ହୋଇଛି। ଏମାନେ ପଡ଼ିଆବାହାଲ ରେଞ୍ଜର ବାହାମ, ବଡ଼ଟିକିରାରେ ଜଗବନ୍ଧୁ ପରିମାଣିକ, ସୁଶାନ୍ତ ଧର, ସୁରେନ୍ଦ୍ର ନାୟକ, ସଞ୍ଜୀବ ନାଥଙ୍କ କବାଟ ତାଡ଼ିଦେବା ସହ ମରଦ ଅଦାବରଙ୍କ କାନ୍ଥ ଭାଙ୍ଗି ଦେଇଥିଲେ। ସେହିପରି ଖରସନମାଲଠାରେ ଅନିଲ ପଧାନ, ରାଜୁ ସୁନାରୀ ଓ ଗ୍ରାମରକ୍ଷୀ କମଳ ତାଣ୍ଡିଆଙ୍କ ଘର ଭାଙ୍ଗି ଦେଇଥିଲେ। ବାହାମ ଓ ଟିକିରାପଡାଠାରେ ବନ ବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ହାତୀମାନେ କବାଟ ତାଡ଼ିବା ସହ କାନ୍ଥ ଭାଙ୍ଗି ଦେଇଥିଲେ। ଗ୍ରାମବାସୀଙ୍କ ସହ ବନ କର୍ମଚାରୀ ବାଣ ଫୁଟାଇ ହୋହଲ୍ଲା କରି ହାତୀ ଘଉଡ଼ାଇଥିଲେ। ଏ ସମ୍ପର୍କରେ ରେଞ୍ଜର ପ୍ରଭାକର ବେହେରା କହନ୍ତି, ହାତୀ ଦାଉରୁ ରକ୍ଷା ପାଇଁ ଉଦ୍ୟମ ଜାରି ରହିଛି। ୨୪ ଘଣ୍ଟିଆ ହାତୀ ଉପରେ ନଜର ରଖି ବିହିତ ପଦକ୍ଷେପ ନେବା ପାଇଁ ଦୁଇଟି ଗାଡିରେ ବନ କର୍ମଚାରୀ ସଜାଗ ରହିଛନ୍ତି। ଖବର ପାଇବା ମାତ୍ରେ ଘଟଣାସ୍ଥଳକୁ ଯାଉଛନ୍ତି। ସେହିପରି ଦରଖାସ୍ତ କରିଥିବା କ୍ଷତିଗ୍ରସ୍ତଙ୍କୁ ସରକାରୀ ନିୟମାନୁସାରେ କ୍ଷତିପୂରଣ ଦିଆଯାଉଛି। ସମ୍ପ୍ରତି କ୍ଷତିପୂରଣ ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ଆସିଛି। ତାଲିକାଭୁକ୍ତ କ୍ଷତିଗ୍ରସ୍ତଙ୍କ ବ୍ୟାଙ୍କ ପାସ୍‌ବୁକ ନମ୍ବର ନଥିଯୁକ୍ତ କରି ୧୫ ତାରିଖରୁ ଆକାଉଣ୍ଟରେ ଜମା ଦିଆଯିବ।




ହାତୀ ଭାଙ୍ଗିଥିବା ଘର।

**ପଡ଼ିଆବାହାଲ, ବଡ଼ରମା ରେଞ୍ଜ**
■ କ୍ଷତିଗ୍ରସ୍ତଙ୍କୁ ମିଳୁନି କ୍ଷତିପୂରଣ

# ୨୪ ଘଣ୍ଟା ପରେ ବି ପୋଲିସ ହାତ ଖାଲି

**କୁଆଁରମୁଣ୍ଡା, ୧୪।୧(ଡି.ଏନ.ଏ.)**

**ଏସ୍‌ବିଆଇରୁ ସଶସ୍ତ୍ର ଡକାୟତି ଘଟଣା**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅଞ୍ଚଳରେ ଅଧିକାଂଶ ସମୟରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିଲେ ମଧ୍ୟ ଦକ୍ଷ ପୋଲିସ ଅଧିକାରୀଙ୍କ ଅଭାବ ଦୃଷ୍ଟିରୁ ଅପରାଧିମାନେ ପୋଲିସ ଆଖିରେ ଧୂଳି ଦେଇ ଫେରାର ହୋଇଯାଉଛନ୍ତି। ଏହି ଅଞ୍ଚଳରେ ଲୁଟ୍, ଚୋରି, ଡକାୟତି, ଅପହରଣ, ବ୍ୟାଙ୍କ ଡକାୟତି ଘଟଣାରେ ଅପରାଧିମାନେ ପୋଲିସ୍‌କୁ ଚକ୍‌ମା ଦେଇ ନିଜର ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି କରି ଚାଲିଛନ୍ତି। ଅପରାଧିମାନଙ୍କୁ ଠାବ କରିବାରେ ମଧ୍ୟ ଏଠାକାର ପୋଲିସ ଅଧିକାରୀମାନଙ୍କର ଆନ୍ତରିକତାର ଅଭାବ ରହୁଥିବା ଯୋଗୁ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ରାଜନୈତିକ ଦଳମାନେ ମଧ୍ୟ ଅଭିଯୋଗ କରୁଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ବୁଧବାର ସ୍ପଷ୍ଟ ଦିବାଲୋକରେ ୨ଟି ବାଇକ୍‌ରେ ମୁଖାଧାରୀ ୫ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ବୀରମିତ୍ରପୁର ଥାନା ଅନ୍ତର୍ଗତ ଡୁମେରଯୋର ପଞ୍ଚାୟତ ପରିସରରେ ଥିବା ଏସବିଆଇ ଶାଖା କାର୍ଯ୍ୟାଳୟରେ ପଶି ବନ୍ଧୁକ, ଭୁଜାଲି ଓ ଲାଠି ଦେଖାଇ ଆତଙ୍କ ସୃଷ୍ଟି କରିଥିଲେ। ଦାୟିତ୍ୱରେ ଥିବା ଶାଖା ପରିଚାଳକଙ୍କୁ ଭୁଜାଲିରେ ଆକ୍ରମଣ କରି ଭୟଭୀତ କରିବା ପରେ ତାଙ୍କ ଠାରୁ କ୍ୟାଶ କାଉଣ୍ଟର ଚାବି ନେଇ ଜମା ଥିବା ପ୍ରାୟ ସାଢେ ୫ଲକ୍ଷ ଟଙ୍କା ଲୁଟ୍ କରିଥିଲେ। ଲୁଟ୍ ପରେ ଦୁର୍ବୃତ୍ତମାନେ ବାଇକ୍ ଯୋଗେ ଯାଉଥିବା ବେଳେ ପ୍ରତ୍ୟକ୍ଷଦର୍ଶୀମାନେ ମଧ୍ୟ ବାଇକ୍ ୨ଟିର ଫଟୋ ଉତ୍ତୋଳନ କରିଛନ୍ତି। ହେଲେ ଘଟଣା ଘଟିବା ପରେ ବୀରମିତ୍ରପୁର ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ମାତ୍ର ଘଟଣା ଘଟିବାର ୨୪ ଘଣ୍ଟା ପୂରି ଯାଇଥିବା ବେଳେ ମଧ୍ୟ ପୋଲିସ୍ ଦୁର୍ବୃତ୍ତମାନଙ୍କର କୌଣସି ଟେର ପାଇପାରିନି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳବାସୀ ମଧ୍ୟ ନିଜକୁ ଆଉ ସୁରକ୍ଷିତ ମନେ କରୁ ନାହାନ୍ତି। ଏ ନେଇ ବୀରମିତ୍ରପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଯଶୋବନ୍ତ ସାମଲଙ୍କୁ ପଚାରିବାରୁ ସେ କହିଲେ ଯେ, ତଦନ୍ତ ଚାଲିଛି। ଏ ବାବଦରେ ଅଧିକ କିଛି କହିପାରୁନି କହି ଫୋନ୍ କାଟି ଦେଇଥିଲେ ।

# ଠେମରାରେ ମକରଯାତ୍ରା

**ସମ୍ବଲପୁର, ୧୪।୧ (ବ୍ୟୁରୋ)**

ସମ୍ବଲପୁର ଜିଲାର ପ୍ରସିଦ୍ଧ ଠେମରା ମକର ଯାତ୍ରା ପରମ୍ପରାନୁସାରେ ଗୁରୁବାର ସମ୍ପନ୍ନ ହୋଇଛି। ସୁସଜ୍ଜିତ ରଥରେ ଶିବ ପାର୍ବତୀ, ରାଧାକୃଷ୍ଣଙ୍କୁ ରଥାରୂଢ଼ କରାଯାଇ ସମ୍ମୁଖରେ ହୋମଯଜ୍ଞ କରାଯାଇଥିଲା। କରୋନା କଟକଣା ଯୋଗୁ ଚଳିତବର୍ଷ ଯାତ୍ରା ଓ ନାଚ, ଗୀତ, ନାଟକ, ମୀନାବଜାର ପ୍ରଭୃତି କାର୍ଯ୍ୟକ୍ରମ ହୋଇ ନ ଥିଲା। ହାତଗଣତି ବାଳିକାବାଳକ ଠାକୁରଙ୍କ ସମ୍ମୁଖରେ ପ୍ରଣିପାତ କରିଥିଲେ। ତଳିପଡା ଓ ଉପରପଡାର କର୍ମକର୍ତ୍ତା ବଳରାମ ମାହାଣା, ନରେଶ ବଢ଼େଇ, ତପନ ସେଠ, ସୌମ୍ୟକାନ୍ତ ସାହୁ, ପ୍ରତ୍ୟୁଷ ମାହାଣା, ଚକାନୟନ ମାହାଣା, ଶ୍ରୀକାନ୍ତ ପୃଷ୍ଟି, ଦେବାର୍ଚ୍ଚନ ସାହୁ, ସଞ୍ଜୀବ ଭୋଇ, ବିଜୟ ପଣ୍ଡା, ମନୋରଞ୍ଜନ ମହାରଣା, ବିଶ୍ୱଜିତ ନାଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶୁକ୍ରବାର ନିରାଡମ୍ବର ଭାବେ ହରିହର ଭେଟ ହେବ ବୋଲି ଯାତ୍ରା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

**ପରମ୍ପରାନୁସାରେ ପୂଜାର୍ଚ୍ଚନା**



ମକର ଯାତ୍ରାରେ ସୁସଜ୍ଜିତ ରଥରେ ଠାକୁରଙ୍କୁ ଆରୂଢ଼ କରାଯାଇଛି ।

## ଚାଷୀଙ୍କ ସମସ୍ୟା ବୁଝିଲେ ପ୍ରଶାସନିକ ଅଧିକାରୀ

**ଜମନକିରା,୧୪।୧(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଜମନକିରା ବ୍ଲକ ଅଧୀନ ବିଭିନ୍ନ ଧାନମଣ୍ଡିକୁ ଗୁରୁବାର ଜିଲାସ୍ତରୀୟ ପ୍ରଶାସନିକ ଅଧିକାରୀମାନେ ଆସି ଧାନ କ୍ରୟ ସମସ୍ୟା ଉପରେ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଟୋକନ୍ ଅବଧି ସରିଥିବା ଚାଷୀଙ୍କ ପାଇଁ ଆସନ୍ତା ୧୭ ତାରିଖ ମଧ୍ୟରେ ପୁନଃ କାର୍ଯ୍ୟକ୍ଷମ ସହ ଅଧିକ ଧାନ ଯେପରି ମଣ୍ଡିରୁ ଉଠିପାରିବ, ସେ ଦିଗରେ ଜିଲାପାଳଙ୍କୁ ଜଣାଇ କାର୍ଯ୍ୟକାରୀ କରାଯିବ ବୋଲି ଅଧିକାରୀମାନେ ପ୍ରକାଶ କରିଥିଲେ। ଏହି ଟିମ୍‌ରେ ଦିଲୀପ କୁମାର ନାୟକ, ସୁରେଶ ନାଥ ହାଁସଦା, ପୂର୍ବାଶା ଭୋଇ ପ୍ରମୁଖ ସାମିଲ ଥିଲେ। ଏହି ସମୟରେ ଚାଷୀମାନେ ବିଭିନ୍ନ ସମସ୍ୟା ନେଇ ଏକ ଲିଖିତ ଅଭିଯୋଗପତ୍ର ଅଧିକାରୀମାନଙ୍କୁ ପ୍ରଦାନ କରିଥିଲେ। ତେବେ ଏହି ସମୟ ମଧ୍ୟରେ ସମସ୍ୟା ସମାଧାନ ନ ହେଲେ ପୁନର୍ବାର ରାସ୍ତା ଅବରୋଧ କରାଯିବ ବୋଲି ଶ୍ରୀ ଲକ୍ଷ୍ମୀ କୃଷକ ସୁରକ୍ଷା ସଂଗଠନ ସଭାପତି ଚୁଡ଼ାମଣି ପଟେଲ ପ୍ରକାଶ କରିଥିଲେ।

# କୃଷି ଆଇନରେ ତ୍ରୁଟି ଜଣାନ୍ତୁ ଚାଷୀ: ପ୍ରଦୀପ




ଭାଜପା ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀ ।

**ସମ୍ବଲପୁର,୧୪।୧(ବ୍ୟୁରୋ)**

କେନ୍ଦ୍ର ସରକାରଙ୍କ କୃଷି ଆଇନରେ କ'ଣ ତ୍ରୁଟି ରହିଛି ଚାଷୀମାନେ ଜଣାନ୍ତୁ, ଆଲୋଚନା କରନ୍ତୁ, ନିଶ୍ଚିତ ଭାବେ ସମାଧାନର ବାଟ ବାହାରିବ ବୋଲି କଚେରି ରୋଡ୍‌ସ୍ଥିତ ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ କହିଛନ୍ତି। ସେ କହିଥିଲେ, ଦୀର୍ଘଦିନ ଧରି ଚାଷୀମାନେ କୃଷି ଆଇନକୁ ବିରୋଧ କରିଆସୁଛନ୍ତି। ଏବେ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି। ୪ ଜଣିଆ କମିଟି ଗଠନ କରି ରିପୋର୍ଟ ଦେବାକୁ କୁହାଯାଇଛି। ଚାଷୀମାନେ ମଧ ନିଜ ପକ୍ଷ ରଖିପାରିବେ। ଯଦି ଆଇନରେ ତ୍ରୁଟି ଥିବ, ସଂଶୋଧନ କରାଯିବ। କେନ୍ଦ୍ର ସରକାର ଚାଷୀମାନଙ୍କ ସହ ରହିଛି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସାଧାରଣ ସମ୍ପାଦକ ରବିନାରାୟଣ ନାଏକ, ଭାଜପା ଜିଲା ସଭାପତି ଗିରିଶ ପଟେଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ଭାଜପା କୃଷକ ମୋର୍ଚ୍ଚା ଜିଲା ସଭାପତି ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ମିଡିଆ ପ୍ରଭାରୀ ମାନସ ରଞ୍ଜନ ବକ୍ସି ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପି ବ୍ଲାଷ୍ଟ ଫର୍ନେସ ବିଭାଗର ପରିବର୍ତ୍ତନରେ ଲାଭ ହାସଲ

**ରାଉରକେଲା ଅଫିସ,୧୪।୧**

ରାଉରକେଲା ଇସ୍ପାତ କାରଖାନା ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର ପରିବର୍ତ୍ତନ କ୍ୱାଲିଟି ସର୍କଲ ଦ୍ୱାରା ସମ୍ପାଦିତ ଏକ ଉଦ୍ୟୋଗୀ ପ୍ରୟାସ କମ୍ପାନୀ ପାଇଁ ବିପୁଳ ପ୍ରତ୍ୟେକ୍ଷ ଓ ପରୋକ୍ଷ ଲାଭ ସୁନିଶ୍ଚିତ କରିପାରିଛି। ବ୍ଲାଷ୍ଟ ଫର୍ଣ୍ଣେସ୍ ବିଭାଗର ମାଷ୍ଟର ଟେକ୍ନିସିଆନ ପି.କେ ଖଟୁଆ, ଡି. ମହାନ୍ତ, ଜି. ମହାନ୍ତ, ସି.କେ ସାହୁ ଓ ଡିଭାଇନ ବିଭାଗର ମାଷ୍ଟର କେ.ସି ପଣ୍ଡାଙ୍କୁ ନେଇ ଗଠିତ ଦଳ ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର ଜିଏମ ଇନଚାର୍ଜ ମେକାନିକାଲ ଅନୁପ କୁମାର ଦତ୍ତଙ୍କ ମାର୍ଗଦର୍ଶନରେ ବ୍ଲାଷ୍ଟ ଫର୍ଣ୍ଣେସ୍-୧ରେ ଆଇଏନ୍‌ବିଏ ସ୍ଲାଗ ଗ୍ରାନୁଲେସନ ସିଷ୍ଟମରେ ପରିବର୍ତ୍ତନ ପ୍ରକଳ୍ପ ସଫଳତାର ସହିତ କାର୍ଯ୍ୟକାରୀ କରିଛନ୍ତି। ଆଇଏନ୍‌ବିଏ ସ୍ଲାଗ ଗ୍ରାନୁଲେସନ ସିଷ୍ଟମ ବ୍ଲାଷ୍ଟ ଫର୍ଣ୍ଣେସ-୧ କାଷ୍ଟ ହାଉସ୍ ଉତ୍ପାଦନ ପରିଚାଳନା ବ୍ୟବସ୍ଥାର ଏକ ପ୍ରମୁଖ ଅଂଶ ଅଟେ। ଆଇଏନ୍‌ବିଏରେ ଯନ୍ତ୍ରପାତି ଓ ବ୍ଲେଟ କନଭେୟର ଗୁଡ଼ିକ ଠିକ କାର୍ଯ୍ୟ ପାଇଁ ଯାଞ୍ଚ କରାଯାଇ ଥାଏ। ସ୍ଲାଗ ଗ୍ରାନୁଲେସନ୍ ସମୟରେ ଯଦି କୌଣସି ସମସ୍ୟା ଦେଖାଦିଏ ତେବେ ଗରମ ସ୍ଲାଗ ପରବର୍ତ୍ତି ପ୍ରକ୍ରିୟାକରଣ ପାଇଁ ସ୍ଲାଗ ପଟକୁ ପଠାଯାଇ ଥାଏ। ଏହି ଅବଧି ମଧ୍ୟରେ ଜରୁରୀକାଳୀନ ବ୍ୟବସ୍ଥା ଆଇଏନ୍‌ବିଏ ଗ୍ରାନୁଲେସନ୍ ସିଷ୍ଟମକୁ ସୁରକ୍ଷିତ କରିବା ପାଇଁ ତୁରନ୍ତ ଖୋଲିବା ଆବଶ୍ୟକ। ଜରୁରୀକାଳିନ ସିଷ୍ଟମ ତ୍ରୁଟିପୂର୍ଣ୍ଣ ହେଲେ ହଟ୍ ସ୍ଲାଗ ଆଇଏନ୍‌ବିଏ ଗ୍ରାନୁଲେସନ ସିଷ୍ଟମରେ ପ୍ରବେଶ କରେ ଓ ଯନ୍ତ୍ରପାତି ନଷ୍ଟ ହୋଇଥାଏ। ଆଇଏନ୍‌ବିଏ ବାରମ୍ବାର ବନ୍ଦ ହେବା ଦ୍ୱାରା ନା କେବଳ ଗ୍ରାନୁଲେଟେଡ୍ ସ୍ଲାଗେ ଉତ୍ପାଦନ ବାଧାପ୍ରାପ୍ତ ହୁଏ । ଏଥିସହିତ ଗରମ ସ୍ଲାଗ ପକାଇବା ଦ୍ୱାରା ସୁରକ୍ଷା ଓ ହାଉସ୍‌କିପିଙ୍ଗ୍ ସମସ୍ୟା ସୃଷ୍ଟି କରିଥାଏ। ଉକ୍ତ କର୍ମଚାରୀ ଦଳ ଏକ ଯୋଜନାବଦ୍ଧ ରଣନୀତି ଦ୍ୱାରା ବ୍ଲାଷ୍ଟ ଫର୍ଣ୍ଣେସ-୧ରେ ଆଇଏନ୍‌ବିଏ ଗ୍ରାନୁଲେସନ ସିଷ୍ଟମକୁ ଆଂଶିକ ପରିବର୍ତ୍ତନ କରିଥିଲେ। ନିଜସ୍ୱ ସମ୍ବଳ ଓ ପାରଦର୍ଶିତା ସହିତ ପ୍ରକଳ୍ପ ସଫଳ ରୂପାୟନ ଦ୍ୱାରା କାରଖାନା ପାଇଁ ପ୍ରାୟ ୭୩ ଲକ୍ଷ ଟଙ୍କାର ସଞ୍ଚୟ ସମ୍ଭବ ହୋଇପାରିଛି। ଏଥି ସମେତ ବିଭାଗରେ ଉତ୍ପାଦକତା, ଗୁଣବତ୍ତା ଓ ସୁରକ୍ଷାରେ ମଧ୍ୟ ଅଧିକ ଉନ୍ନତି ସାଧିତ ହୋଇଛି।

## ଶିରିଡ଼ି ସାଇ ବାବାଙ୍କ ପାଲିଙ୍କି ଯାତ୍ରା

**ବ୍ରଜରାଜନଗର,୧୪।୧(ଡି.ଏନ୍.ଏ.)**

ବ୍ରଜରାଜନଗର ସହରାଞ୍ଚଳର ଇଏସ୍‌ଆଇ ଛକଠାରେ ସିରିଡ଼ି ସାଇବାବାଙ୍କ ପାଲିଙ୍କି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ମହିଳାପୁରୁଷ ବାବାଙ୍କ ପାଲିଙ୍କିକୁ କାନ୍ଧରେ ଧରି ପରମ୍ପରା ରକ୍ଷା କରିବାକୁ ଯାଇ କେବଳ ଛକ ପରିକ୍ରମା କରିଥିଲେ। ବାବାଙ୍କ ପୂଜାର୍ଚ୍ଚନା ପରେ ଭଜନ କୀର୍ତ୍ତନ କରାଯାଇଥିଲା। ଦିନତମାମ ବାବାଙ୍କ ପାଖରେ ଭଣ୍ଡାରା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଜୟନ୍ତ ଦୀକ୍ଷିତ, କ୍ଷୀରୋଦ ରାଉତ, ଶଶାଙ୍କ ଦୀକ୍ଷିତ, ରୁନୁ ବାଗ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ।

# ବଡ଼କୁଦର କ୍ରିକେଟ : ବଂପରଡ଼ା ଚାମ୍ପିୟନ

**ଦେବଗଡ଼,୧୪।୧(ଡ଼ି.ଏନ୍.ଏ.)**

ଦେବଗଡ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ ବଡ଼କୁଦର ବାସୁଦେବ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ୍ ବଂପରଡ଼ା ଓ ହରିପୁର କ୍ରିକେଟ ଦଳ ମଧ୍ୟରେ ଖେଳା ଯାଇଥିଲା । ସିମୀତ ୧୫ଓଭର ବିଶିଷ୍ଟ ମ୍ୟାଚ୍‌ରେ ହରିପୁର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୪ ଓଭରରେ ସମସ୍ତ ଉଇକେଟ ହରାଇ ୭୨ରନ୍ ସଂଗ୍ରହ କରିଥିଲା । ଜବାବରେ ବଂପରଡ଼ା ୧୩ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ଚମ୍ପିୟାନ ହୋଇଥିଲା। ବଂପରଡ଼ା ଦଳର ଚନ୍ଦନ ବେହେରା ସର୍ବାଧିକ ୩୫ ରନ୍ କରିଥିଲେ। ହୀରାଲାଲ ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ମ୍ୟାନ ଅଫ୍ ଦି ସିରିଜ୍‌ଭାବେ ହରି ଭୋଇଙ୍କୁ ପୁରସ୍କୃତ କରାଯାଇଛି । ଉଭୟ ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଉଦ୍‌ଯାପନୀ ଦିବସରେ ସଞ୍ଜୟ କୁମାର ପ୍ରଧାନ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ବଂପରଡ଼ା ସରପଞ୍ଚ ପର୍ଶୁରାମ କିସାନ ଯୋଗଦେଇ କେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । କ୍ଲବ ସଭାପତି ଦେବେନ୍ଦ୍ର କିସାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା।

# କାୟାକଳ୍ପ ଟିମ୍‌ର ନାକଟିଦେଉଳ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

**ନାକଟିଦେଉଳ,୧୪।୧(ଡି.ଏନ୍.ଏ.)**

ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବୁଧବାର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପରିଚାଳିତ କାୟାକଳ୍ପ ଟିମ୍‌ର ତିନିଜଣିଆ ପ୍ରତିନିଧି ପରିଦର୍ଶନରେ ଆସିଥିଲେ। ଡାକ୍ତରଖାନାର ଭିତ୍ତିଭୂମି, ପରିଷ୍କାର ପରିଚ୍ଛନ୍ନତା, ଜୈବ ବର୍ଜ୍ୟବସ୍ତୁ ପରିଚାଳନା, ରୋଗୀସେବା ସହିତ ଆନୁଷଙ୍ଗିକ ସୁବିଧା ଅସୁବିଧା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଡାକ୍ତରଖାନାରେ ଚିକିତ୍ସାଧୀନ ରୋଗୀ ଓ ତାଙ୍କ ସମ୍ପର୍କୀୟମାନଙ୍କୁ ରୋଗୀସେବା ସମ୍ପର୍କରେ ପଚାରି ବୁଝିବା ସହ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ। ଟିମ୍‌ରେ ଏଡିଏସ୍‌ଆଇଏଚ୍ (ଏଫ୍‌ଡବ୍ଲ୍ୟୁ) ଡା. ପ୍ରଦୀପ ପାଢ଼ୀ, କନ୍‌ସଲ୍‌ଟାଣ୍ଟ ଡା. ଚନ୍ଦନେଶ ମିଶ୍ର, ଏମ୍ସର ପ୍ରଫେସର ଡା. ରଞ୍ଜନ ତ୍ରିପାଠୀ ସାମିଲ ହୋଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ଅମୂଲ୍ୟ ରତ୍ନ ମହନ୍ତ, ଡା. ମାନସ ହୃଦୟ ରଞ୍ଜନ ସାହୁ, ଡା. ଜ୍ୟୋତିପ୍ରକାଶ ରଥଙ୍କ ସମେତ ମେଡିକାଲର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ ଅବସରରେ ଟିମ୍ ସଦସ୍ୟ ଓ ଅନ୍ୟମାନେ।

# ପ୍ରାଣୀ ଉଦ୍ୟାନ ପାଇଁ ଜମି ଚିହ୍ନଟ

**ସମ୍ବଲପୁର,୧୪।୧(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ତହସିଲ ଅନ୍ତର୍ଗତ ଜରାଙ୍ଗରେ ପ୍ରାଣୀ ଉଦ୍ୟାନ ହେବ। ଗୁରୁବାର ବନ ବିଭାଗ ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ସର୍ଭେ କରାଯାଇ ଜମି ଚିହ୍ନଟ କରାଯାଇଛି। ସମ୍ବଲପୁର ଡିଏଫ୍‌ଓ ଡ. ସଞ୍ଜୀତ କୁମାର, ସଦର ରେଞ୍ଜର ଗୌରୀ ଶଙ୍କର ଦାସ, ଯୁଯୁମୁରା ତହସିଲଦାର ଜରାଙ୍ଗ ଅଞ୍ଚଳ ବୁଲି ଦେଖିଥିଲେ। ଜଙ୍ଗଲ କିସମ ଓ ରାଜସ୍ୱ ବିଭାଗ ଅଧୀନରେ ଥିବା ଜମି ପୃଥକ୍ ଭାବେ ଚିହ୍ନଟ କରାଯାଇଛି। ରାଜସ୍ୱ ବିଭାଗର ୮୦ ଏକର ଜମି ଚିହ୍ନଟ ହୋଇଥିବା ଜଣାପଡିଛି। ଏହିଜମିରେ ବନ୍ୟପ୍ରାଣୀଙ୍କ ପାଇଁ ମେଡିକାଲ, ଷ୍ଟୋର, କର୍ମଚାରୀଙ୍କ କ୍ୱାର୍ଟର୍ସ ନିର୍ମାଣ କରାଯିବ। ନିକଟରେ ବହିଯାଉଥିବା ଝରଣାକୁ ବନ୍ଦ କରି ବନ୍ୟପ୍ରାଣୀଙ୍କ ପାଇଁ ପାଣି ସଞ୍ଚୟ କରାଯିବ। ଏ ସମ୍ପର୍କରେ ଡିଏଫ୍‌ଓ କୁମାର କହିଛନ୍ତି, ବନ୍ୟପ୍ରାଣୀ ଉଦ୍ୟାନ ପାଇଁ ରାଜସ୍ୱ ବିଭାଗ ଓ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ଜମି ଚିହ୍ନଟ ହୋଇଛି। ଆଉ ଗୋଟିଏ ଏକ୍ସପର୍ଟ ଟିମ୍ ଗଠନ କରାଯାଇ ଚୂଡ଼ାନ୍ତ ଡ୍ରଇଂ ତିଆରି କରାଯିବ। ସୂଚନାଯୋଗ୍ୟ, ବନ୍ୟପ୍ରାଣୀ ଉଦ୍ୟାନ ପାଇଁ ଜିଲାପାଳ ଶୁଭମ୍ ସକ୍‌ସେନାଙ୍କ ନିର୍ଦ୍ଦେଶ କ୍ରମେ ଯୁଯୁମୁରା ତହସିଲ ପକ୍ଷରୁ ପ୍ରାଥମିକ ଭାବେ ଜମି ଚିହ୍ନଟ କରାଯାଇଥିଲା। ପୂର୍ବରୁ ରେଢ଼ାଖୋଲ ବିଧାୟକ ତଥା ସରକାରୀ ଦଳ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ ଜରାଙ୍ଗରେ ପ୍ରାଣୀ ଉଦ୍ୟାନ କରାଯାଉ ବୋଲି ମୁଖ୍ୟମନ୍ତ୍ରୀ, ପର୍ଯ୍ୟଟନ ମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ।

**ଡିଏଫ୍‌ଓ, ତହସିଲଦାରଙ୍କ ମିଳିତ ସର୍ଭେ**



ଜରାଙ୍ଗରେ ମିଳିତ ସର୍ଭେ କରାଯାଉଛି ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୫ ଜାନୁୟାରୀ, ୨୦୨୧



**ମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ କଂଗ୍ରେସ କର୍ମକର୍ତ୍ତା ଅଟକ**

ଦେଓଗାଁ(ଡି.ଏନ.ଏ): ଦେଓଗାଁ ବ୍ଲକକୁ କୃଷିମନ୍ତ୍ରୀ ଡ.ଅରୁଣ ସାହୁଙ୍କ ଗସ୍ତ କାର୍ଯ୍ୟକ୍ରମ ପୂର୍ବରୁ ସ୍ଥାନୀୟ ପୋଲିସ କେତେକ କଂଗ୍ରେସ କର୍ମକର୍ତ୍ତାଙ୍କୁ ଉଠାଇ ନେଇଥିଲା । ମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ଚୂଡାନ୍ତ ପରେ କଂଗ୍ରେସ ପକ୍ଷରୁ କଳାପତାକା ପ୍ରଦର୍ଶନ କରିବା ସୂଚନା ପାଇ ଦେଓଗାଁ ଥାନାଧିକାରୀ ରଞ୍ଜନ କୁମାର ବରିହା, ଏଏସଆଇ ଜେଜେ ସା ଓ ରାମ ଧରୁଆ ପ୍ରମୁଖ ଯୁବନେତା ବିଶ୍ୱଜିତ ପାତ୍ର, ଯୁବକଂଗ୍ରେସ ସଭାପତି ସମୀର ସାହୁ, କିଷାନ ସେଲ ସଭାପତି କୁନା ସାହୁ, ପିଣ୍ଟୁ ପୋଢ଼, ଜଗୁ ସାହୁ, ଭିକାରୀ ପଧାନ, ରମେଶ ମହାକୁର, ବିବେକା କର୍ତ୍ତି, ବେଣ୍ଟେନ ରଣା ପ୍ରମୁଖଙ୍କୁ ହେପାଜତକୁ ନେଇଥିଲେ। ମନ୍ତ୍ରୀ ଗସ୍ତ କାର୍ଯ୍ୟକ୍ରମ ସରିବା ପରେ ଥାନାରେ ଅଟକଙ୍କୁ ପୋଲିସ ଛାଡି ଦେଇଥିଲା।

## ସଂକ୍ଷେପରେ

### ହୃଦ୍‌ରୋଗ ଚିକିତ୍ସା ପାଇଁ ୨ ନାବାଳିକାଙ୍କୁ ରାୟପୁର ଏମ୍‌ଏମ୍‌ଆଇ ସ୍ଥାନାନ୍ତର

**ଖଡିଆଳ, ୧୪।୧ (ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ ସେବା ଯୋଜନାରେ ଖଡିଆଳ ବ୍ଲକ ଭାଲୁଡୋଙ୍ଗରୀ ଗ୍ରାମର ୨ ନାବାଳିକା ସରସ୍ୱତୀ ମାଝି (୫), ଲୁଚିକା ମାଝି (୧୨)ଙ୍କୁ ହୃଦରୋଗ ଚିକିତ୍ସା ପାଇଁ ରାୟପୁର ଏମଏମଆଇକୁ ସ୍ଥାନାନ୍ତର କରାଯାଇଛି। ବୁଧବାର ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରୁ ରାୟପୁରକୁ ସ୍ଥାନାନ୍ତର କରାଯାଇଥିବା ଆଦିତ୍ୟ ଯୋଶୀ ପ୍ରକାଶ କରିଛନ୍ତି । ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡା. ଦୀନବନ୍ଧୁ ମହାନନ୍ଦ ଏବଂ ସ୍ୱାସ୍ଥ୍ୟ ବିଭାଗର ପ୍ରଚେଷ୍ଟାରେ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟସେବା ଯୋଜନାରେ ଅନେକ ଲୋକ ଉପକୃତ ହେଉଥିବା ଜଣାପଡିଛି ।

### ଚକ୍ଷୁ ପରୀକ୍ଷା ଶିବିର

**ଲୋଇସିଂହା,୧୪।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଆଦିବାସୀ ଭବନରେ କୋସଲ ପରିବାର, ଜିଲା ଆଦିବାସୀ କଲ୍ୟାଣ ସଂଘ ଓ ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟ ସହଯୋଗରେ ମାଗଣା ଚକ୍ଷୁପରୀକ୍ଷା ଶବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଶବିରରେ ୧୮୨ଜଣ ଚକ୍ଷୁ ପରୀକ୍ଷା କରିଥିଲେ । ସେଥିରୁ ୮୦ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ସମ୍ବଲପୁର ପଠାଯାଇଥିଲା । ଆଇଆଇସି ଲଳିତା ଲାକ୍ରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ପ୍ରତିମା ସୋରେନ, ବିଜୟ ମହାନନ୍ଦ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ ।

### କଦଳୀ ଚାଷ, ମତ୍ସ୍ୟ ଚାଷ ଦେଖିଲେ କୃଷି ମନ୍ତ୍ରୀ

**ଜୁନାଗଡ, ୧୪।୧ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚାରବାହାଲ ପଞ୍ଚାୟତ ଧନେର ଗ୍ରାମକୁ ଗୁରୁବାର କୃଷି ମନ୍ତ୍ରୀ ଅରୁଣ କୁମାର ସାହୁ ପରିଦର୍ଶନ କରିଥିଲେ। ଏହି ସମୟରେ ଗ୍ରାମର ସଫଳ ଚାଷୀ ଆଦିତ୍ୟ ସାହୁଙ୍କ ସମନ୍ୱିତ କୃଷି ପ୍ରଣାଳୀ, କଦଳୀ ବଗିଚା, ମାଛ ଚାଷ ଆଦି ବୁଲି ଦେଖିଥିଲେ। ଏହାସହ ସ୍ଥାନୀୟ ଚାଷୀଙ୍କୁ ଫସଲ ବିବିଧିକରଣ ଉପରେ ବୁଝାଇଥିଲେ। ମନ୍ତ୍ରୀଙ୍କ ସହ ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଶୈଳେଶ ପଟ୍ଟନାୟକ, ଜୁନାଗଡ କୃଷି ଜିଲା ଅଧିକାରୀ କାମେଶ୍ୱର ମଲ୍ଲିକ, ସହକାରୀ କୃଷି ଅଧିକାରୀ ନୌକେଶ୍ୱର ନାଗ, ଗଜାନନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ୱାମୀଙ୍କୁ ଟାଙ୍ଗିଆରେ ଆକ୍ରମଣ କରି ଫେରାର ସ୍ତ୍ରୀ ଗିରଫ

**ତରବୋଡ/ନୂଆପଡା ଅଫିସ, ୧୪।୧ (ଡି.ଏନ.ଏ.):** ନୂଆପଡା ଜିଲା ତରବୋଡ ଫାଣ୍ଡି ସିଆଲଟି ପଞ୍ଚାୟତ ବାଗମୁଣ୍ଡା ଗାଁରେ ସ୍ତ୍ରୀଙ୍କ ଟାଙ୍ଗିଆ ଚୋଟରେ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି । ଏହି ଘଟଣାରେ ବୁଧବାର ସନ୍ଧ୍ୟାରେ ପୋଲିସ ଆକ୍ରମଣକାରୀ ସ୍ତ୍ରୀଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗତ ସୋମବାର ରାତିରେ ବାଗମୁଣ୍ଡା ଗାଁ ଡିଗସନ ସୁନାନୀ (୩୫)ଓ ସ୍ତ୍ରୀ ଟୁନୀ ସୁନାନୀ (୩୦)ଙ୍କ ମଧ୍ୟରେ ଝଗଡା ହୋଇଥିଲା। ଉଭୟଙ୍କୁ ପରିବାର ଓ ଗ୍ରାମବାସୀ ବୁଝାଶୁଝା କରିଥିଲେ ମଧ୍ୟ କେହି ବୁଝି ନ ଥିଲେ। ସ୍ତ୍ରୀ ଟୁନୀ ଉତ୍ତ୍ୟକ୍ତ ହୋଇ ବିଳମ୍ବିତ ରାତିରେ ସ୍ୱାମୀଙ୍କୁ ଟାଙ୍ଗିଆରେ ବେକରେ ମାରିଥିଲେ। ସେ ଚିତ୍କାର କରିବାରୁ ପରିବାର ଲୋକେ ଦୌଡ଼ି ଆସିଥିଲେ। ଟାଙ୍ଗିଆ ଚୋଟରେ ତାଙ୍କ ବେକରୁ ରକ୍ତସ୍ରାବ ହେବାରୁ ଟୁନୀ ଘରୁ ବାହାରି ଚାଲିଯାଇଥିଲେ। ବିଳମ୍ବିତ ରାତିରେ ଡିଗସନଙ୍କୁ ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରିବାର ଲୋକ ତରବୋଡ ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା ।

### ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ମୃତ୍ୟୁ

**ଜୁନାଗଡ, ୧୪।୧ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କଲେର ଗାଁ ପଞ୍ଚାୟତ ସାନଡୁମେରବାହାଲ ଗ୍ରାମର ଅବସରପ୍ରାପ୍ତ ସେନା ହାବିଲଦାର ଶଙ୍ଖଧର ପୂଝାରୀଙ୍କ ଗୁରୁବାର ସକାଳରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ହୋଇଛି। ଗତ କିଛିମାସ ହେବ ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ସେ ଜଣେ ସାମାଜିକ କର୍ମୀ ଓ ପରୋପକାରୀ ବ୍ୟକ୍ତି ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗତ ୧।୫।୧୯୯୫ରେ ଭାରତୀୟ ସେନାବାହିନୀରେ ସେ ନିଯୁକ୍ତି ପାଇଥିବା ବେଳେ ୨୦୨୦ ଜୁନ୍ ୩୦ରେ ସେ ଅବସର ନେଇଥିଲେ।

# ମୁଖ୍ୟସ୍ରୋତରେ ସାମିଲ ପାଇଁ ଉଚ୍ଚଶିକ୍ଷା ଲୋଡା

**ବେଲପଡା, ୧୪।୧(ଡି.ଏନ.ଏ.)**



ସଭାରେ ମଞ୍ଚାସୀନ ଅତିଥିମାନେ।

**ଆଦିବାସୀ କର୍ମଚାରୀ ସଂଘ ସମ୍ମିଳନୀ**

ଦେଶର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ନିତ୍ୟାନ୍ତ ଆବଶ୍ୟକ। ବଲାଙ୍ଗୀର ଜିଲା ବେଲପଡା ବ୍ଲକ ବାଂଜିତୁଙ୍ଗୁରୀଠାରେ ଅନୁଷ୍ଠିତ ଆଦିବାସୀ କର୍ମଚାରୀ ସଂଘ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହା କହିଛନ୍ତି ପଶ୍ଚିମ ଓଡିଶା ଆଦିବାସୀ ସଂଘର ମହାସଚିବ ନିରଞ୍ଜନ ବିଶି। ଭୁପାଲ ସିଂଙ୍କ ଆବାହକତ୍ୱ ଓ ଡୋଳାମଣି ଧରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଧରମ ସିଂ ଧରୁଆ, ନାରାୟଣ କିଶାନ, ରମେଶ ଚନ୍ଦ୍ର ପଧାନ, ଜଗବନ୍ଧୁ ମାଝି ପ୍ରମୁଖ ଯୋଗଦେଇଥିଲେ। ଉଚ୍ଚଶିକ୍ଷା, ଗୁଣାତ୍ମକ ଶିକ୍ଷା ଓ ବୃତ୍ତିଗତ ଶିକ୍ଷା, ପ୍ରଯୁକ୍ତି ବିଦ୍ୟା ସହ ଅର୍ଥନୈତିକ ବିକାଶ ପାଇଁ ସରକାରୀ ବେସରକାରୀ ସଂସ୍ଥାମାନଙ୍କରେ ଆଦିବାସୀ ପିଲାଙ୍କ ନିଯୁକ୍ତି ସହ ଆଦିବାସୀ ଭାଷା, ସଂସ୍କୃତି, ଦେବାଦେବୀ ପୂଜା ପଦ୍ଧତି ଓ ସଂରକ୍ଷଣ ଉପରେ ବକ୍ତାମାନେ ମତ ରଖିଥିଲେ । ପରେ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଗନ୍ଧର୍ବ ମାଝୀ, ଉପସଭାପତି ଗୌରୀ ରାଉତ, କ୍ଷୀରେନ୍ଦ୍ର ଛତ୍ରିଆ, ଜାନକୀ ମଲ୍ଲିକ, ସାଧାରଣ ସମ୍ପାଦକ ଯୁଧିଷ୍ଠିର ବର୍ଗେ, ସହସମ୍ପାଦକ ଗୁରୁବାରୁ ଧରୁଆ, ଅର୍ଜୁନ ସିଂ ମାଝି , ରଘୁନାଥ ପରୁଆ, କୋଷାଧ୍ୟକ୍ଷ ଭୁବନ ଧରୁଆ, ଅଡିଟର ବୁଙ୍ଗିଲାଲ କରୁଆଁ, ବୃନ୍ଦାବନ ଧରୁଆ, ହନୁମନ୍ତ ମାଝୀ, ସୁଗ୍ରେସ ମାଝୀଙ୍କୁ ମନୋନୀତ କରାଯାଇଛି। ସେହିପରି ଉପଦେଷ୍ଟା କମିଟିରେ ଡୋଳାମଣି ଧରୁଆ, ଥବିର ଛତ୍ରିଆ, ପଞ୍ଚାନନ ରାଉତ, ଠାକୁର ଗଏଁତା, ଅମିନ ମାଝୀ, ଧ୍ରୁବଳେଶ୍ୱର ରାଉତ, ଜଗମଣି ମିର୍ଦ୍ଧାଙ୍କୁ ରଖାଯାଇଛି। ଗୋଲାପ ବିଶ୍ୱାଳ ନିର୍ବାଚନ ପରିଚାଳନା କରିଥିଲା ବେଳେ ଭୁପାଲ ସିଂ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ସୁରଭି ମିସ୍ ଓଡ଼ିଶା ବିଉଟି ଏକ୍ସପୋ-୨୧

**ବରଗଡ଼ ଅଫିସ୍,୧୪।୧**

ବରଗଡ଼ର ବିକାଶ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ବିବିଏ ପ୍ରଥମ ବର୍ଷ ଛାତ୍ରୀ ସୁରଭି ବେହେରା ମିସ୍ ଓଡ଼ିଶା ବିଉଟି ଏକ୍ସପୋ-୨୦୨୧ ଟାଇଟଲ ବିଜେତା ହୋଇଛନ୍ତି। ବିକାଶ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଏହି ସୂଚନା ଦେଇଛନ୍ତି। ଝାରସୁଗୁଡ଼ାର ଏକ ହୋଟେଲରେ ଓଡ଼ିଶା ବିଉଟି ଆସୋସିଏଶନ ଦ୍ୱାରା ମିସ୍ ଓଡ଼ିଶା ବିଉଟି ଏକ୍ସପୋ-୨୦୨୧ ଅନୁଷ୍ଠିତ ହୋଇଥିଲା। ସେଠାରେ ବହୁ ପ୍ରତିଯୋଗୀଙ୍କୁ ପଛରେ ପକାଇ ସୁରଭି ଏହି ଟାଇଟଲ ହାସଲ କରିଛନ୍ତି। ଏହି ସଫଳତା ପାଇଁ ସୁରଭିଙ୍କୁ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ସ୍କୁଲ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡଃ କ୍ଷୀରୋଦ କୁମାର ପ୍ରଧାନ ଏବଂ ଅଧ୍ୟାପିକା, ଅଧ୍ୟାପକ ଅଭିନନ୍ଦନ ଜଣାଇଛନ୍ତି ।



ମିସ୍ ଓଡ଼ିଶା ବିଉଟି ଏକ୍ସପୋ-୨୦୨୧ ଟାଇଟଲ ବିଜେତା ସୁରଭି ବେହେରା ।

# ଅଧିକାର ପାଇଁ ଲଢ଼େଇ କରିବାକୁ ଆହ୍ୱାନ

**ବିନିକା,୧୪।୧(ଡି.ଏନ୍.ଏ.)**


ସମାବେଶରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

**ବିନିକା ଛାତ୍ର କଂଗ୍ରେସ ପକ୍ଷରୁ କର୍ମୀ ସମାବେଶ**

ବିନିକା ଛାତ୍ର କଂଗ୍ରେସ ପକ୍ଷରୁ ସୁବର୍ଣ୍ଣପୁର ଜିଲା ବିନିକା ସହର ଠାରେ ବୁଧବାର କର୍ମୀ ସମାବେଶ ଅନୁଷ୍ଠିତ ହୋଇଥିଲା । ଏହି ସମାବେଶରେ ଅତିଥି ଭାବେ ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦକ ତଥା ଓଡିଶାର ପ୍ରଭାରୀ ରୋଶନ ଲାଲ ବିଟ୍ଟୁ, ପ୍ରଦେଶ ଛାତ୍ର କଂଗ୍ରେସର ସଭାପତି ୟାସିର ନଓିଜ ଓ ପୂର୍ବତନ ବଲାଙ୍ଗୀର ଜିଲା ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁ ଯୋଗ ଦେଇଥିଲେ । ଅତିଥିମାନେ ଛାତ୍ର ସମାଜର ଅଧିକାର ପାଇଁ ସମସ୍ତେ ମିଳିମିଶି ରାଜ୍ୟ ସରକାରଙ୍କ ବିରୋଧରେ ଲଢେଇ କରିବାକୁ ଦଳୀୟ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ । ବିନିକା ଏକ କୃଷି ପ୍ରଧାନ ଅଞ୍ଚଳ । ଏଠାକାର ଛାତ୍ର ସମାଜ ଚାଷକୁ ନିଜ ଜୀବିକା ଭାବେ ଆପଣାଇ ପରିବାର ଚଳାଉଛି। ମାତ୍ର ଚାଷୀ ସାଜିଥିବା ଏଠାକାର ଛାତ୍ର ସମାଜର ଉନ୍ନତି ଲାଗି ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ଆନ୍ତରିକତା ନାହିଁ । ଫଳରେ ଏଠାକାର ଛାତ୍ର ଶେଷରେ ଚାଷ ଛାଡି ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଏବଂ ଗୁଜୁରାଟକୁ ଯାଇ ଦାଦନ ଖଟୁଥିବା ଦେଖିବାକୁ ମିଳୁଛି । ଯୁବଚାଷୀ ପାଇଁ ଏଠି କୌଣସି ପ୍ରକାର ବିକଳ୍ପ ନାହିଁ। ନିଯୁକ୍ତି ପାଇଁ ମଧ ଶିଳ୍ପ ନାହିଁ । ଜିଲାର ବେକାର ଯୁବତୀ ଯୁବକମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ସରକାରୀ ଯୋଜନାର ସଫଳ ରୂପାୟନ କରାଯାଉ ନ ଥିବାରୁ ଅତିଥିମାନେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ । ସମାବେଶକୁ ଜିଲା ଛାତ୍ର କଂଗ୍ରେସ ସଭାପତି ଗୋବିନ୍ଦା ଝାଙ୍କର ପରିଚାଳନା କରିଥିଲେ । ଯୁବନେତା ସଂଗ୍ରାମ କେଶରୀ ନାୟକ ଓ ଛାତ୍ର ଯୁବନେତା ଶ୍ରୀନିବାସ ଖମାରୀ ଛାତ୍ର ସମାଜ ଉପରେ ହେଉଥିବା ଅନ୍ୟାୟ ବିରୋଧରେ ଆଗାମୀ ଦିନରେ ବିନିକା ଛାତ୍ର କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି କହିଥିଲେ । ଏହି ପରିପ୍ରେକ୍ଷୀରେ ଜିଲା କଂଗ୍ରେସ ସଭାପତି ଗୌରୀଶ୍ୟାମ ପଣ୍ଡା, ଜିଲା ଛାତ୍ର କଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁ, ପୂର୍ବତନ ବିନିକା ନଗର କଂଗ୍ରେସ ସଭାପତି ଗୋପୀନାଥ ପଣ୍ଡା, ପୂର୍ବତନ ସୋନପୁର ନଗର କଂଗ୍ରେସ ସଭାପତି ସୁଧୀର କୁମାର ପଣ୍ଡା, ରବୀନ୍ଦ୍ର ହୋତା, ରାଘବ ଦାଶ, ପ୍ରଦୀପ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀନିବାସ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଟ୍ରାକ୍ଟର ଚାପାରେ ମହିଳା ମୃତ

**ଖପ୍ରାଖୋଲ, ୧୪।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ରସିଆପଡା-କପସିପାଲି ରାସ୍ତାରେ ଟ୍ରାକ୍ଟର ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ କପସିପାଲି ରସିଆପଡାର ଭାନୁମତି ବରିହା(୫୨)। ଭାନୁମତୀ ତାଙ୍କ ପୁଅ ଶ୍ୟାମ ସୁନ୍ଦରଙ୍କ ସହ ବାଇକରେ କପସିପାଲି ପଟଲୁ ଯାଉଥିବା ବେଳେ ଇଟାଭାଟି ପାଖରେ ଗାଡିରୁ ଖସି ପଡିଥିଲେ। ଏହି ସମୟରେ ସେହି ରାସ୍ତାଦେଇ ଯାଉଥିବା ଏକ ନମ୍ବର ବିହୀନ ଟ୍ରାକ୍ଟର ତାଙ୍କ ଉପରେ ମାଡି ଯାଇଥିଲା । ଖପ୍ରାଖୋଲ ପୋଲିସ ମୃତଦେହ ଜବତ କରିଛି। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଜବତ ହୋଇଛି। ଚାଳକ ଫେରାର ହୋଇଯାଇଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଖପ୍ରାଖୋଲ ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ପ୍ରକାଶ କରିଛନ୍ତି।

# ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ


ଗଣଶିକ୍ଷା ମନ୍ତ୍ରୀ ଭବାନୀପାଟଣାର ଏକ ସ୍କୁଲ ପରିଦର୍ଶନ କରୁଛନ୍ତି ।

**ଭବାନୀପାଟଣା, ୧୪।୧ (ଡି.ଏନ.ଏ.)**

ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କଳାହାଣ୍ଡି ଜିଲାର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ସେ ଗୁରୁବାର ପୂର୍ବାହ୍ନ ୧୦ଟାରେ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ଭବାନୀପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ପୁରୋହିତ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର କୁମାର ପଣ୍ଡାଙ୍କ ସହ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହା ପରେ ମନ୍ତ୍ରୀ ତାଙ୍କ ଟିମ୍ ସହ ମାଣିକେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ବ୍ରଜମୋହନ ସରକାରୀ ହାଇସ୍କୁଲ, ଆଦର୍ଶ ବିଦ୍ୟାଳୟ, ଜୁନାଗଡ଼, ପ୍ରିୟଦର୍ଶିନୀ ଇନ୍ଦିରା କଲେଜ ଜୁନାଗଡ଼ ଓ ବାଲାଜୀ ଉଚ୍ଚ ବିଦ୍ୟାଳୟ, ମହିଚଲା ପରିଦର୍ଶନ କରିଥିଲେ। ମନ୍ତ୍ରୀ ବିଦ୍ୟାଳୟର ସମସ୍ତ ବିଷୟରେ ଉକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକମାନଙ୍କ ସହ ସବିଶେଷ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରମାନଙ୍କ ସହ ବାର୍ତ୍ତାଳାପ ଜରିଆରେ ଶିକ୍ଷାର ପ୍ରଗତି ବିଷୟରେ ଓ ଚଳିତବର୍ଷ ହେବାକୁ ଥିବା ମାଟ୍ରିକ ପରୀକ୍ଷା ବିଷୟରେ ଆଲୋଚନା କରି ମନ୍ତ୍ରୀ ସନ୍ତୋଷବ୍ୟକ୍ତ କରିଥିଲେ। ସେହିପରି ବିଦ୍ୟାଳୟଗୁଡ଼ିକର ସ୍ୱଚ୍ଛ ପରିବେଶ, ଫଳଫୁଲ ଭରା କିଚେନ ଗାର୍ଡେନ ଓ ସୌନ୍ଦର୍ଯ୍ୟ ତାଙ୍କୁ ମୁଗ୍ଧ କରିଥିଲା। କିନ୍ତୁ ଜୁନାଗଡ଼ସ୍ଥ ହରିଜନ ଓ ଆଦିବାସୀ ବିଭାଗ ପରିଚାଳିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯାହା ଜୁନାଗଡ଼ କନ୍ୟାଶ୍ରମ ଭାବେ ଜଣାଶୁଣା ତାହାର ନିମ୍ନମାନର ଶିକ୍ଷା, ଅସ୍ୱଚ୍ଛ ପରିବେଶ ତଥା ବିଦ୍ୟାଳୟର ଶିକ୍ଷକଶିକ୍ଷୟତ୍ରୀଙ୍କ କର୍ମବିମୁଖତା ମନ୍ତ୍ରୀଙ୍କୁ ମର୍ମାହତ କରିଥିଲା। ସେ ଉକ୍ତ ବିଦ୍ୟାଳୟ ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ଉପରେ ବିରକ୍ତି ପ୍ରକାଶ କରିବା ସହ ସେମାନଙ୍କ ଦରମା ବନ୍ଦ କରିବା ଓ ଅବ୍ୟବସ୍ଥାର କାରଣ ଦର୍ଶାଇବାକୁ ନୋଟିସ ଜାରି କରିଥିଲେ।

# ବୌଦ୍ଧର କଳା ଅନନ୍ୟ

**ବୌଦ୍ଧ,୧୪।୧(ସ୍ୱ.ପ୍ର.)**


ରାମଲୀଳା ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅତିଥିମାନେ।

**ରାମଲୀଳା ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ**

ବୌଦ୍ଧର ଗଣପର୍ବ ଭାବରେ ମାନ୍ୟତା ଲାଭ କରିଥିବା ପ୍ରସିଦ୍ଧ ରାମଲୀଳା ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ରଘୁନାଥ ମନ୍ଦିର ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାମଲୀଳା ନାଟ୍ୟ ସଂସଦର ସଭାପତି ମୃତ୍ୟୁଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ମୁଖ୍ୟଅତିଥି ଭାବରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସ୍ୱାଧୀନତା ସଂଗ୍ରାମୀ ଗୌର ମୋହନ ମିଶ୍ର, ରଜନୀକାନ୍ତ ଦାଶ, ରାମଲୀଳା ଯାତ୍ରାର ନିର୍ଦ୍ଦେଶକ ଭବାନୀ ଶଙ୍କର ମହାପାତ୍ର, ନାଟ୍ୟକାର ହୃଦାନନ୍ଦ ମିଶ୍ର ଯୋଗ ଦେଇଥିଲେ । ମୁଖ୍ୟଅତିଥି ଜିଲାପାଳ ମିଶ୍ର ବୌଦ୍ଧର କଳା ଅତି ଅନନ୍ୟ ବୋଲି କହିବା ସହ ଜିଲାରେ ରାମଲୀଳାର ସ୍ୱତନ୍ତ୍ରତା ରହିଥିବା କହିଥିଲେ। ଗତବର୍ଷ କରୋନା ମହାମାରୀ ଯୋଗୁ ରାମଲୀଳା ବନ୍ଦ ହୋଇ ଯାଇଥିବା ବେଳେ ଚଳିତବର୍ଷ ରାଜ୍ୟରେ କରୋନାର ସ୍ଥିତି ଦେଖି ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ। ବର୍ତ୍ତମାନ ଜିଲାରେ ଏହି ପର୍ବ ପ୍ରାୟ ୬୭ଟି ଗ୍ରାମରେ ପାଳିତ ହେଉଥିଲେ ମଧ୍ୟ ବୌଦ୍ଧର ପ୍ରମୁଖ ଯାତ୍ରାର ପ୍ରସିଦ୍ଧି ରହିଛି। ଅନୁଷ୍ଠାନର ସମ୍ପାଦକ ମନୋଜ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ବୈଠକରେ ସହରର ବିଭିନ୍ନ ସଂଗଠନର କର୍ମକର୍ତ୍ତା, ବୁଦ୍ଧିଜୀବୀ ଉପସ୍ଥିତ ରହି ଯାତ୍ରା ଆୟୋଜନ ନେଇ ଗଠନମୂଳକ ପ୍ରସ୍ତାବ ଦେଇଥିଲେ। ଯାତ୍ରା ପଡିଆର ଉନ୍ନତୀକରଣ ପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ବିଭିନ୍ନ ରାମଲୀଳା କମିଟିର କଳାକାରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସଦସ୍ୟ ପ୍ରମୋଦ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

## ହରିଶଙ୍କର: ମନ୍ଦିର ବନ୍ଦ ଯୋଗୁ ହୋଇପାରିଲା ନାହିଁ ଠାକୁର ଦର୍ଶନ

**ଖପ୍ରାଖୋଲ, ୧୪।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରରେ ମକର ସଂକ୍ରାନ୍ତି ଅବସରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। କିଛି ଦିନ ହେଲା ମନ୍ଦିର ଖୋଲାଯାଇଥିଲେ ବି କୋଭିଡ କଟକଣା ଯୋଗୁଁ ଭିଡକୁ ଆଖି ଆଗରେ ରଖି ମନ୍ଦିର ବନ୍ଦ ରହିଥିଲା । ଫଳରେ ଠାକୁର ଦର୍ଶନ ଆଶାରେ ଆସିଥିବା ଶ୍ରଦ୍ଧାଳୁ ନିରାଶ ହୋଇ ଫେରିଥିଲେ। ପାପନାଶିନୀ ଝରଣାରେ ସଂକ୍ରାନ୍ତି ଅବସରରେ କେବଳ ସ୍ନାନ ଏବଂ ଦୂରରୁ ଠାକୁରଙ୍କୁ ପ୍ରାର୍ଥନା କରୁଥିବା ଦେଖାଯାଇଥିଲା । ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର କହିଛନ୍ତି ଯେ, ପ୍ରବଳ ଭିଡକୁ ଦେଖି ପ୍ରଶାସନ ତରଫରୁ ମନ୍ଦିର ବନ୍ଦ ପାଇଁ କୁହାଯାଇଥିଲା। ତେବେ ସେବାୟତଙ୍କ ଦ୍ୱାରା ନୀତି ଯଥାରୀତି ହୋଇଛି ।

# ଜିଆଖତ ପ୍ରସ୍ତୁତି ଉପରେ କର୍ମଶାଳା

**ବଘିଆପଡା,୧୪।୧(ଡି.ଏନ.ଏ.)**

ବୌଦ୍ଧ ଜିଲା ବଘିଆପଡା କୃଷି ବିଜ୍ଞାନ କେନ୍ଦ୍ର ପାଲଝର ପକ୍ଷରୁ ଜିଲା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକୁ ନେଇ ଜିଆଖତ ପ୍ରସ୍ତୁତି ଉପରେ ଏକ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମିଶନ ଶକ୍ତିର ପୃଷ୍ଠପୋଷକତାରେ ଜାତୀୟ ଉଦ୍ୟାନ କୃଷି ବିଭାଗ ତାଲିମ ଗୃହଠାରେ ଅନୁଷ୍ଠିତ ଏହି କର୍ମଶାଳାରେ ଜିଲା ମୁଖ୍ୟ କୃଷି ଅଧିକାରୀ ସାରଦା ପ୍ରସାଦ ମିଶ୍ର ଅଧ୍ୟକ୍ଷତା କରିଥିଲେ। କର୍ମଶାଳାରେ ବଘିଆପଡା ସରପଞ୍ଚ ସୈରେନ୍ଦ୍ରୀ ମହାକୁଳ, ଜିଲା ସମାଜ ମଙ୍ଗଳ ଅଧିକାରୀ ଲକ୍ଷପତି ଭୋଇ, ଜିଲା ମିଶନ ଶକ୍ତି ସଂଯୋଜକ ଦେବଦତ୍ତ ମିଶ୍ର, ଜିଲା ସହକାରୀ ଉଦ୍ୟାନ ଅଧିକାରୀ ଯୋଗେନ୍ଦ୍ର ନାଥ ମହାପାତ୍ର, ଜିଲା ମତ୍ସ୍ୟ ଅଧିକାରୀ ମନୋଜ କୁମାର ଭୂୟାଁ ଯୋଗ ଦେଇଥିଲେ । ଏଥିସହିତ ଜିଲା ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ଅମିତାଭ ପଣ୍ଡା, ଜାତୀୟ ଉଦ୍ୟାନ କୃଷି ନିର୍ଦ୍ଦେଶକ ଡ. ରଜନୀଶ ମିଶ୍ର, ଲିଡବ୍ୟାଙ୍କ ମ୍ୟାନେଜର ରବୀନ୍ଦ୍ର କୁମାର ସେଠୀ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସୁତନୁ କୁମାର ଶତପଥୀ ପ୍ରମୁଖ ଯୋଗଦେଇ ଜିଆଖତ ପ୍ରସ୍ତୁତି ଓ ଏହାର ସଫଳ ପ୍ରୟୋଗ ନେଇ ବିଭାଗୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ତଥା ନୋଡାଲ ଅଧିକାରୀ ମିଶନ ଶକ୍ତି ମୟୁରୀ ସିଂହ ସରକାର, ବୈଜ୍ଞାନିକ ଜ୍ୟୋତିରେଖା ମଲ୍ଲିକ ଓ ସସ୍ମିତା ପ୍ରୟଦର୍ଶନୀ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଗୌରୀଶଙ୍କର ମିଶ୍ରଙ୍କ ଜନ୍ମ ଶତବାର୍ଷିକୀ ପାଳିତ


ଅତିଥି ବୃନ୍ଦ ସ୍ମରଣିକା ସ୍ମୃତି ସୌରଭକୁ ଉନ୍ମୋଚନ କରୁଛନ୍ତି ।

**ସୋନପୁର,୧୪।୧(ନି.ପ୍ର.)** ଶିକ୍ଷାବିତ୍ ବ୍ରହ୍ମଶ୍ରୀ ବ୍ରାହ୍ମଣ ଗୌରବ ସ୍ୱର୍ଗତ ଗୌରୀଶଙ୍କର ମିଶ୍ରଙ୍କ ଜନ୍ମ ଶତବାର୍ଷିକୀ ଗୁରୁବାର ପାଳିତ ହୋଇଯାଇଛି। ସୋନପୁରଠାରେ ଅନୁଷ୍ଠିତ ସ୍ମୃତି ସଭାରେ ଅବସରପ୍ରାପ୍ତ ଶିକ୍ଷକ ବିରଞ୍ଚିନାରାୟଣ ମିଶ୍ର ପୌରୋହିତ୍ୟ କରିଥିଲେ। ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ନାରାୟଣ ପ୍ରସାଦ ରାୟଗୁରୁ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଓକିଲ ବ୍ୟୋମକେଶ ଦାଶ ଯୋଗ ଦେଇଥିଲେ। ଗିରିଜା ଶଙ୍କର ରଥଙ୍କ ଉଦ୍ୟମ କ୍ରମେ ଏହି ସଭା ଆୟୋଜନ ହୋଇଥିଲା। ଖାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଝସକେତନ ମେହେର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପ୍ରାକ୍ତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ନୀଳାମ୍ବର ମିଶ୍ର, ପ୍ରାକ୍ତନ ସ୍କୁଲ ଏସଆଇ ଗୌରୀଶଙ୍କର ମିଶ୍ର, ପ୍ରାକ୍ତନ ତହସିଲଦାର ରାମଶଙ୍କର ମିଶ୍ରଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କିତ ଏକ ସ୍ମରଣିକା ସ୍ମୃତି ସୌରଭ ଉନ୍ମୋଚିତ ହୋଇଥିଲା। ବିଭୂତି ଭୂଷଣ ମିଶ୍ର, ଡ. ରେଣୁ ମିଶ୍ର, ଡ. ରେଣୁକା ମିଶ୍ର, ରାମସ୍ୱାମୀ ମହାପାତ୍ର, ଚିରଞ୍ଜୀବ ବେରିହା, ଡା. ରାଜେନ୍ଦ୍ର କୁମାର ମିଶ୍ର, ନୀଳାମ୍ବର ଶତପଥୀ, ନିତ୍ୟାନନ୍ଦ ମାଝୀ ଓ ଚତୁରାନନ୍ଦ ଥନାପତି ପ୍ରମୁଖ ଯୋଗ ଦେଇଥିଲେ ।

# କ୍ରିକେଟ: ବରଗଡ଼ ବ୍ଲୁ ଡାଇମଣ୍ଡ ଚାମ୍ପିୟନ

**ଉଲୁଣ୍ଡା,୧୪।୧(ଡି.ଏନ.ଏ)**



ପୁରସ୍କାର ଓ ଟ୍ରଫି ସହ ବିଜୟୀ ବରଗଡ ବ୍ଲୁ ଡାଇମଣ୍ଡ ଦଳ ।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୁକିଆ ରଘୁନାଥ ସ୍ପୋର୍ଟିଂ ପକ୍ଷରୁ ଆୟୋଜିତ ଚତୁର୍ଥ ଉଷାଦେବୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଫାଇନାଲ ଖେଳରେ ବ୍ଲୁ ଡାଇମଣ୍ଡ ବରଗଡ ଦଳ ଉଭୟ ଫର୍ମାଟରେ ଜେସିସି ସମ୍ବଲପୁରକୁ ହରାଇ ଚାମ୍ପିୟନ ହୋଇଛି। ୧୬-୮-୨ ଫର୍ମାଟରେ ଖେଳା ଯାଇଥିବା ଏହି ମ୍ୟାଚରେ ପ୍ରଥମ ଫର୍ମାଟରେ ବରଗଡ ଦଳ ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ୧୭୧ ରନ କରିଥିଲେ। ଦଳର ମଳୟ ହାତୀ ୪୦ ଓ କୁନମୁନ୍ ରାଉତ ୩୬ ରନ କରିଥିଲେ। ଏହାର ଜବାବରେ ସମ୍ବଲପୁର ଦଳ ଅଜିତ ହୋତାଙ୍କ ୪୩ ଓ ସଇଦ ୱାସିମଙ୍କ ୩୭ ରନ ସହାୟତାରେ ୧୪୮ ରନ ସଂଗ୍ରହ କରି ପରାସ୍ତ ହୋଇଥିଲେ। ସେହିପରି ୮ ଓଭରର ଦ୍ୱିତୀୟ ଫର୍ମାଟରେ ବରଗଡ ଦଳ କୁନମୁନଙ୍କ ଆକର୍ଷଣୀୟ ୨୮ ରନ ବଳରେ ୮୬ ରନ କରିଥିବା ବେଳେ ସମ୍ବଲପୁର ଦଳ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୭୦ ରନ କରି ପରାଜିତ ହୋଇଥିଲେ। ଆଜିର ଖେଳକୁ ଶ୍ୟାମସୁନ୍ଦର ପଣ୍ଡା ଓ ଶ୍ରୀବନ ନାୟକ ପରିଚାଳାନ କରିଥିଲେ। ପାର୍ଥସାରଥି ଦାଶ ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ମନ୍ମଥ ପୁରୋହିତ ସ୍କୋରିଂ କରିଥିଲେ । ଏହି ଅବସରରେ ଆୟୋଜକ ସଭାପତି ଆଦିତ୍ୟ ପୁରୋହିତଙ୍କ ଅଧ୍ୟକ୍ଷତାରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଅଶୋକ ପଣ୍ଡା, ସ୍ଥାନୀୟ ସରପଞ୍ଚ ରେବତୀ ବିଶ୍ୱାଳ, ପୂର୍ବତନ ସରପଞ୍ଚ କୈଳାଶ ଚନ୍ଦ୍ର ପୁରୋହିତ, ବଳିଧ୍ୱଂସୀ ପୁରୋହିତ, ମହେଶରଞ୍ଜନ ପୁରୋହିତ ପ୍ରମୁଖ ଯୋଗଦେଇ ବିଜୟୀ ବରଗଡ ଦଳକୁ ଓ ଉପବିଜେତା ସମ୍ବଲପୁର ଦଳକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିଥିଲେ । ଏଥିସହ ମ୍ୟାନ ଅଫ୍ ଦି ସିରିଜ ଭାବରେ ବରଗଡର ସୁମିତ ରାୟ, ମ୍ୟାନ ଅଫ ଦି ମ୍ୟାଚ ଭାବରେ କୁନମୁନ ରାଉତ, ଶ୍ରେଷ୍ଠ ବୋଲର ଭାବେ ଅଭିଷେକ ପଣ୍ଡା ଓ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ମହମ୍ମଦ ଇଫତିକାରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।